ଆମରି ଜାତିର ଆଗୁଆ ନେତା

NATIONAL AWARD WINNER FROM
DIRECTORATE OF ADULT EDUCATION
MINISTRY OF EDUCATION

ଡକ୍ଟର ଜଗନ୍ନାଥ ମହାନ୍ତ

ସାଲୁଜା ପ୍ରକାଶନ
ନୂଆଦିଲ୍ଲୀ

AMAR JITIRA AGUA NETA

(Oriya)

© : Author

1984

Published by :

BIMLA SALUJA
SALUJA PRAKASHAN
D-41, Gulmohar Park,
New Delhi-110049.
Tel. : 667585

Printed at :

VIJETA OFFSET PRINTERS

NEW DELHI

ଅଭିମତ

ଡ଼କ୍ଟର ଜଗନ୍ନାଥ ମହାନ୍ତିଙ୍କ ପ୍ରଣିତ ପୁସ୍ତକ "ଆମର ଜାତିର ଆଗୁଆ ନେତା" ପଢ଼ିବାର ସୁଯୋଗ ପାଇଲି । ଅପାର ଆନନ୍ଦ ଲାଭ କଲି । ଜୀବ ଓ ଜୀବ ମଧ୍ୟରେ ପରସ୍ପରକତା ଓ ଅଯା ସମତା ରକ୍ଷା କରିବାର ବରଳ ସଦ୍‌ଭାବନା ଅର୍ଜ୍ଜନ କରିଛନ୍ତି ଲେଖକ ।

ଯେଉଁ ଆଗୁଆ ନେତାଙ୍କ ଜୟଗାଥା ଶଂସିତ ପୁସ୍ତକରେ ଆଲୋଚନା କରାଯାଇଛି, ସେମାନେ ହେଉଛନ୍ତି , ବକ୍‌ସି ଜଗବନ୍ଧୁ, ଦଳବେହେରା, ସୁରେନ୍ଦ୍ରସାଏ, ବାଘାଯତୀନ ଓ ଲକ୍ଷ୍ମଣ ନାୟକ । ଦେଶପାଇଁ ଆତ୍ମୋତ୍ସର୍ଗର ଏସବୁ ଦୃଷ୍ଟାନ୍ତ ଇତିହାସରେ ଅନନ୍ୟସାଧାରଣ । କେବଳ ସେତେବେଳେ ଏହା ସମ୍ଭବ ଥିଲା, ତ୍ୟାଗ ଶୌର୍ଯ୍ୟ ଓ ବୀରତ୍ୱ ଇତିହାସକୁ ମହିମା ମଣ୍ଡିତ କରିଥିଲା । ଆଜି ଏସବୁ ସଦ୍‌ଗୁଣର ଏକାନ୍ତ ଆବଶ୍ୟକତା ଥିଲେ ହେଁ ସେ ପ୍ରକାର ବୀର ପୁରୁଷଙ୍କ ଅଭାବ ଆମକୁ ଘାଣ ପକାଉଛି । ପାଠକଂକୁ ସେ ଦିଗରେ ଅନୁପ୍ରାଣିତ କରି ପାରିଲେ ଲେଖକଙ୍କ ଶ୍ରମ ସାର୍ଥକ ହେବ, ସନ୍ଦେହ ନାହିଁ ।

ଲେଖକ ଡ଼କ୍ଟର ମହାନ୍ତିଙ୍କ ଅକ୍ଲାନ୍ତ ପରିଶ୍ରମ ଅତୁଟ ରହୁ, ଏହି କାମନା କରୁଛି ।

ଶତ୍ରୁଘ୍ନ ନାଥ

ଭୁବନେଶ୍ୱର *

ପଦ ଅର୍ଥ

ଆମ ଦେଶରେ ମୁକ୍ତି ସଂଗ୍ରାମର ଯେଉଁମାନେ ସାରଥୀ ହୋଇ ବାହାରିଥିଲେ, ସେମାନେ ଆମର ଶ୍ରଦ୍ଧା ଓ ସମ୍ମାନର ପାତ୍ର । ଆମର ଜାତିର ସେମାନେ ଆଗୁଆ ନେତା । ସେମାନଙ୍କ ନେତୃତ୍ୱ ଥିଲା ସାହସିକ ଓ ତ୍ୟାଗପୂତ । ତେଣୁ ସେମାନଙ୍କ ଆଦର୍ଶରେ ଉତ୍ସାହିତ ହୋଇ ଅଗଣିତ ଦେଶବାସୀ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଥିଲେ । ହସି ହସି ସେମାନେ ଦୁଃଖକଷ୍ଟ ଭୋଗିଥିଲେ ଆଉ ମୃତ୍ୟୁବରଣ କରି ଥିଲେ । ସେମାନଙ୍କ ପର ବୀର ପୁରୁଷଙ୍କ ଅଭାବ ଆଜିର ବୁଦ୍ଧିଜୀବୀମାନଙ୍କୁ ଚିନ୍ତିତ କରାଇଛି ।

ସେହି ମହାନ୍ ଆଦର୍ଶକୁ ଜାତି ଆଗରେ ଉଜ୍ଜ୍ୱଳ କରି ଗଢ଼ିତୋଳିବା ଆଜିର ସାହିତ୍ୟିକ ମାନଙ୍କର ପରମ କର୍ତ୍ତବ୍ୟ । ଦେଶର କୋଟି କୋଟି ନାଗରିକ ତଥା ନବସାକ୍ଷରମାନଙ୍କ ମନଲୁଭି ଭାଷା ଓ ଭଙ୍ଗୀରେ ସେହି ସଂଗ୍ରାମୀ ନେତାମାନଙ୍କର ଜୀବନ ଗାଥାକୁ ରୂପ ଦେବାକୁ ଏଥିରେ ଉଦ୍ୟମ କରାଯାଇଛି । ପୁଣି ବକ୍ସି ଜଗବନ୍ଧୁ, ଦଲ-ବେହେରା, ସୁରେନ୍ଦ୍ର ସାଏ, ବାଘାଯତୀନ୍ ଓ ଲକ୍ଷ୍ମଣ

ନାୟକ ଏହି ଓଡ଼ିଶା ମାଟିର ଅମର ସନ୍ତାନ । ସେମାନଙ୍କର ଅପୂର୍ବ ବୀରତ୍ୱ, ଦେଶପ୍ରେମ ଓ ସାହସର କାହାଣୀ ଗୁଡ଼ିକ ଏହି ପୁସ୍ତକଟିରେ ସ୍ଥାନ ପାଇଛି । ଏହା ସମସ୍ତଙ୍କୁ ପ୍ରେରଣା ଦେଉ ସଭିଙ୍କ ମନରେ ନିଜ ଦେଶ ମାଟା ପାଇଁ ମମତା ଜଗାଉ· ଲେଖକର କାମନା ।

ଏହି ବହି ବିଷୟରେ କିଛି କହିବାକୁ ମୁଁ ପହିଲେ ଚାହୁଁ ନଥିଲି । ଶୁଆ ମୂଲ ଶୁଆ ନିଜେ କହିବ । କାର୍ତ୍ତୀୟ ପ୍ରତିଯୋଗିତାରେ ଏହାର ପାଣ୍ଡୁଲିପି ପୁରସ୍କାର ପାଇବା ଫଳରେ ତାହା ପ୍ରମାଣିତ ହେଲା । ଏଥିରେ ମୋର ଆନନ୍ଦ ଥେଡିକ ଆତ୍ମ ବିଶ୍ୱାସ ତା'ଠାରୁ ଅଧିକ ହେଲା ।

ନୂଆଦିଲ୍ଲୀର ସାଲୁଜା ପ୍ରକାଶନ ଏହି ପ୍ରକାର ନବସାକ୍ଷରମାନଙ୍କ ଉଦ୍ଦିଷ୍ଟ ପୁରସ୍କୃତ ପାଣ୍ଡୁଲିପି-ଗୁଡ଼ିକ ବିଭିନ୍ନ ଭାଷାରେ ପ୍ରକାଶ କରିବାରେ ସିଦ୍ଧହସ୍ତ ହୋଇଛନ୍ତି । ପ୍ରତିଯୋଗିତାର ଫଳାଫଳ ଘୋଷଣା ପରେ ଏହି ପାଣ୍ଡୁଲିପି ପୁରସ୍କାର ଲାଭ କରିବା ସମ୍ବାଦ ମୋତେ ଏହି ସଂସ୍ଥା ପ୍ରଥମେ ଜଣାଇଥିଲେ ଏବଂ ଏହାକୁ ପ୍ରକାଶ କରିବାକୁ ଆଗ୍ରହ ଦେଖାଇଥିଲେ । ସେଥିପାଇଁ ମୁଁ ମଧ୍ୟ ସ୍ୱୀକୃତ ଜଣାଇଥିଲି ।

ପ୍ରକାଶନର ଶେଷ ପର୍ଯ୍ୟାୟରେ ସେହି ସଂସ୍ଥା ପକ୍ଷରୁ ବହି ସଂପର୍କରେ ଜଣେ ଲବ୍ଧପ୍ରତିଷ୍ଠ ଶିକ୍ଷାବିତ୍ ତଥା ସାହିତ୍ୟିକଙ୍କ ଠାରୁ 'ଅଭିମତ' ଓ ଲେଖକ ଭାବରେ ମୋର ଗୋଟିଏ 'ଭୂମିକା' ଦେବାକୁ ଅନୁରୋଧ ପାଇଲି । ତେଣୁ ମୋର ସମ୍ମାନାସ୍ପଦ ଗୁରୁ ଓ ସାରସ୍ୱତ ସାଧକ ପ୍ରଫେସର ଶତ୍ରୁଘ୍ନ ନାଥଙ୍କ ଠାରୁ ଏହି ଅଭିମତ ଲାଭ କରିବାରେ ମୁଁ ବିଶେଷ ଅନୁଗୃହୀତ ହେବା ସଙ୍ଗେ ସଙ୍ଗେ ପୁସ୍ତକଟି ମଧ୍ୟ ଗୌରବମଣ୍ଡିତ ହୋଇ ପାରିଛି । ଏଥିପାଇଁ ମୁଁ ତାଙ୍କୁ ମୋର ହାର୍ଦ୍ଦିକ କୃତଜ୍ଞତା ଜଣାଉଛି ।

ଭୁବନେଶ୍ୱର

॥ ଇତି ॥
ଜଗନ୍ନାଥ ମହାନ୍ତି

ଏପ୍ରତର ଅଛି:—

ବିଷୟ	ପୃଷ୍ଠା
୧— ଆମର ଜାତିର ଆଗୁଆ ନେତା ବକ୍ସି ଜଗବନ୍ଧୁ	8
୨— ପାଇକ ନେତା ଦାନୀ ଦଲବେହେରା	36
୩— ବିଦ୍ରୋହୀ ବୀର ସୁରେନ୍ଦ୍ର ସାଏ	49
୪ — ବାଘାଯତୀନ୍‌ଙ୍କ ବଳିଦାନ	64
୫ — ଅମର ଶହୀଦ୍ ଲକ୍ଷ୍ମଣ ନାୟକ	77

ଆମର ଜାତିର ଆଗୁଆ ଜେତା ବକ୍‌ସି ଜଗବନ୍ଧୁ

ଆଜିକୁ ପ୍ରାୟ ଚାରିଶହ ବର୍ଷ ତଳର କଥା । ସାତ ଦରିଆ ସେପାରିରୁ ଆସିଥିଲେ ଇଂରେଜ-ମାନେ । ଆମର ଦେଶରେ ସେମାନେ ବଣିଜ ବେପାର କଲେ । ଦିଲ୍ଲୀରେ ସେତେବେଳେ ଥା'ନ୍ତି ମୋଗଲ ନବାବ । ମସ୍ତବଡ଼ ତାଙ୍କର ମୁଲୁକ ।

ଅଖଣ୍ଡ ତାଙ୍କର କ୍ଷମତା । ତା' ଛଡ଼ା ପୁଣି ଛୋଟ ବଡ଼ ରାଜ୍ୟର ମାଲିକ ଥା'ନ୍ତି ମରହଟ୍ଟା, ପଠାଣ, ହିନ୍ଦୁ— ବହୁ ଧର୍ମର, ବହୁ ଜାତର । ସେମାନଙ୍କ ସଂଖ୍ୟା ଶହ ଶହ, ହଜାର ହଜାର । ସେମାନଙ୍କ ମଧ୍ୟରେ କେତେ ଯେ କଳି କଜିଆ, ବାଦ ବିବାଦ କହିଲେ ନସରେ ।

କଙ୍କଡ଼ାକୁ ଗୋଳପାଣି ସୁହାଏ । ବିଦେଶୀ ବେପାରୀଙ୍କୁ ସୁବିଧା ମିଳିଗଲା । ଦୀପ ଡେଇଁଲେ, ହାତ ଚକ୍‌ଚଣା କଲେ । କେତେବେଳେ କାହା ସାଥିରେ ହାତ ମିଳାଇଲେ । ଏଘର ମାଉସୀ ସେଘର ପିଉସୀ ହେଲେ । ବେପାରରୁ ଭଲ ରୋଜଗାର ବି କଲେ । ରାଜାମାନଙ୍କ ଠାରୁ ଦୟାରେ ବା ସହାନୁଭୂତିରେ ଖଣ୍ଡେ ଖଣ୍ଡେ ଜାଗା ପାଇଲେ । ସେଠାରେ ଦୁର୍ଗ ତିଆରି କଲେ । ରାଜା ମହାରାଜା-ମାନଙ୍କୁ କହି ବୋଲି କେତେପ୍ରକାର ସୁବିଧା ପାଇଲେ ।

କିନ୍ତୁ ହାୟ୍‌.....

ଆମ ଦେଶର ରାଜାମାନେ ଇଂରେଜଙ୍କ ମାୟା ଜାଲରେ ପଶିପାରିଲେ ନାହିଁ । ସେମାନଙ୍କ ଛଦ୍ମ

କପଟ ବୁଝିପାରନ୍ତେ ନାହିଁ । ବେଳାଉଣ୍ଡି କେଉଁ ରାଜାଙ୍କୁ ଲଢ଼େଇରେ ସାହାଯ୍ୟ କର ବା କେଉଁ ରାଜାଙ୍କୁ ଜାଲଆଖି ଦେଖାଇ ଖଣ୍ଡେ ଖଣ୍ଡେ ରାଜ୍ୟ ଦଖଲ କର ଶାସନ କଲେ । ଆଉ ଯେଉଁ ବଦେଶୀ ଆସିଲେ ସେମାନଙ୍କୁ କଲେ, ବଲେ ଆଉ କୌଶଳରେ ହଟାଇ ଦେଲେ ।

ଦିନକୁ ଦିନ ସେମାନଙ୍କ କ୍ଷମତା ବଢ଼ିବାରେ ଲାଗିଲା ବର୍ତ୍ତାଦିନେ ନଈ ବଢ଼ିଲା ପର । ଆମ ଦେଶର ଅନେକ ରାଜା ଏ ସେମାନଙ୍କ ଅଧୀନତା ସ୍ୱୀକାର କଲେ । ଇଂରେଜମାନେ କହିଲେ ସେମାନେ ବସିବେ, ସେମାନେ ଉଠିବେ । ନିଜ ଘରେ ନିଜେ ପ୍ରବାସୀ ହେଲେ । ବାଘ ଘରେ ମିଶଗର ନାଚଥିଲା ।

ଆମ ଦେଶରେ ରାଜାମାନେ ଯେତେବେଳେ ସେମାନଙ୍କର ବୋଲକରା ହେଲେ, ଘର ଭିଙ୍କି କୁମ୍ଭୀର ହେଲା, ସେତେବେଳେ ଦେଶର ଅବସ୍ଥା କ'ଣ ହେବ ? ଖୁଣ୍ଟ ଗୁଣେ ଘୋଡ଼ା ନାଚେ । ଘର ଗୁଣେ ବଲେଇ ବାଛି । ଦେଶରେ ଆଉ ଶାନ୍ତି ଶୃଙ୍ଖଳା ବା ଉନ୍ନତି କ'ଣ ହେବ ? ଧମକାଇ

ଚମକାଇ ଇଂରେଜମାନେ ଧନ ଲୁଣ୍ଠ କଲେ । ସେମାନଙ୍କ ଦେଶକୁ ବୁହାଇଲେ । ଫଳରେ ସୁନା ଫଳେ । ଏଇ ଲୋକକଥା ସେମାନେ ସତରେ ଦେଖିଲେ ଆଉ ତାଙ୍କ ଦେଶରେ ଦେଖାଇ ଦେଲେ ।

ଆମ ଦେଶରେ ଲୋକଙ୍କ ଅବସ୍ଥା ହେଲା ଅତି ଶୋଚନୀୟ । ଲୋକେ ରୋଗ ଉପାସରେ ସଡ଼ିଲେ । ସମୟ ସମୟରେ ପୋକମାଛି ପର ମଲେ । ରାସ୍ତା ଘାଟ, ବଣିଜ ବେପାର, ଶିଳ୍ପକଳାର ଉନ୍ନତି ହୋଇ ପାରିଲା ନାହିଁ ।

ଇଂରେଜମାନେ ଓଡ଼ିଶାକୁ ସବୁର ପଛରେ ୧୮୦୩ ମସିହାରେ ନଜ ଦଖଲକୁ ନେଇ ପାରିଥିଲେ । ସେତେବେଳେ ମରହଟ୍ଟାମାନେ ଓଡ଼ିଶାର ଅଧିକାଂଶ ଅଂଚଳରେ ଶାସନ କରୁଥିଲେ । ସେମାନଙ୍କ ଅଧୀନରେ ଜମିଦାରମାନେ ରହି ଯାହା କଛି କର ଦେଉଥିଲେ । ସେମାନେ ଇଂରେଜମାନଙ୍କ ଶକ୍ତି ସାମର୍ଥ୍ୟ ପାଖରେ ମୁଣ୍ଡ ଟେକି ନପାରି ଇଂରେଜମାନଙ୍କର ବଶ୍ୟତା ମାନିଲେ ।

ପ୍ରଥମେ ପାଇକ ବୀରମାନଙ୍କର ବାସଭୂମି ଖୋର୍ଦ୍ଧା ମୁଲକ ଇଂରେଜମାନଙ୍କର ଦଖଲକୁ

ଯାଇ ନଥିଲା । ସେତେବେଳେ ଖୋର୍ଦ୍ଧାର ରାଜା ଥିଲେ ଦ୍ୱିତୀୟ ମୁକୁନ୍ଦଦେବ । ସେ ମଧ୍ୟ ଇଂରେଜ-ମାନଙ୍କୁ ବାଧା ନ ଦେଇ ସେମାନଙ୍କର ବାଧ୍ୟ ହୋଇଗଲେ । କିନ୍ତୁ ଇଂରେଜମାନେ ଖୋର୍ଦ୍ଧା ଗଡ଼ ଦଖଲ କରିବାକୁ ବସିବାରୁ ରାଜା ମନ୍ତ୍ରୀ ସେଠାରୁ ଖସି ଗଲଗଲେ । ପାଇକମାନେ ଦୁର୍ଗ ଭିତରେ ଜଗି ରହିଲେ । ଖୁବ୍ ସାହସର ସହିତ ବହୁଦିନ ଲଢ଼େଇ କଲେ ଶେଷରେ ହଟିଗଲେ ।

ଇଂରେଜମାନେ ଗଡ଼ ଭିତରେ ପଶି ରାଜା ମନ୍ତ୍ରୀଙ୍କୁ ପାଇଲେ ନାହିଁ । ଯେତେ ଯୁଆଡ଼େ ଖୋଜିଲେ ମଧ୍ୟ ସେମାନଙ୍କର ପତ୍ତା ମିଳିଲା ନାହିଁ । ତେଣୁ ଇଂରେଜମାନେ ରାଜାଙ୍କୁ ଗାଦିରୁ ହଟାଇ ଦଆଗଲା ବୋଲି ଘୋଷଣା କଲେ । ତାଙ୍କଠାରୁ ଜଗନ୍ନାଥ ମନ୍ଦିର ଦାୟିତ୍ୱ ମଧ୍ୟ କାଢ଼ି ନଆଗଲା । କିନ୍ତୁ ରାଜାଙ୍କୁ ଧରି ନପାରିଲେ ସେ କେତେବେଳେ ଗଣ୍ଡଗୋଳ କରିବସିବେ । ସବୁ ଓଲଟ ପାଲଟ ହୋଇଯିବ । ଏଇ ଭୟରେ ଇଂରେଜମାନେ ରାଜାଙ୍କର ବଂଧୁବାନ୍ଧବମାନଙ୍କୁ ଧରି ଆଣି ଧମକ ଚମକ ଦେଲେ ରାଜାଙ୍କର ଖବର ପାଇବାକୁ

ହେଲେ ରାଜାଙ୍କୁ ସବୁ ଖବର ଦଆଯାଉ ଥିବାରୁ ସେ ଲୁଚ ଛପି ବଣ ଜଙ୍ଗଲରେ ବୁଲବାରେ ଲାଗିଲେ ।

ଏମିତ ଘରଦ୍ୱାର ଛାଡ଼ ଅଖିଆ ଅପିଆ ରାଜା କେତେଦିନ ରହିପାରିବେ ? ସେ ଠିକ୍ କଲେ ନଜେ ଆସି ଇଂରେଜଙ୍କ ପାଖରେ ଧରାଦେବାକୁ । ଇଂରେଜମାନେ ବି ଭାବିଲେ କେତେଦିନ ଏମିତ ରାଜାଙ୍କ ସାଥିରେ ଲୁଚୁକାଳ ଖେଳରେ ମାତିବେ ? ତେଣୁ ସେମାନେ ଘୋଷଣା କଲେ ଯେ ରାଜା ଯଦି ନଜେ ଧରା ଦେବେ ତାଙ୍କୁ ବେଶୀ ଦଣ୍ଡ ଦଆଯିବ ନାହିଁ । ଏଇ ଘୋଷଣା ଯେମିତ ରାଜାଙ୍କ କାନରେ ବାଜିଲା, ବଲେଇ କପାଳକୁ ଶିକା ଛୁଡ଼ିଲା ପରି ହେଲା ।

ରାଜା ନଜେ ଆସି ଖୋର୍ଦ୍ଧାର ଇଂରେଜ ଶାସକ ପ୍ରେଚର ସାହେବଙ୍କୁ ଦେଖା କଲେ । ସାଙ୍ଗେ ସାଙ୍ଗେ ତାଙ୍କୁ ଗିରଫ କରି କଟକ ପଠାଇ ଦଆଗଲା । ରାଜା ମୁକୁନ୍ଦଦେବ ବାରବାଟୀ ଦୁର୍ଗରେ ଅଟକବନ୍ଦୀ ହୋଇ ରହିଲେ । ତାପରେ ତାଙ୍କୁ ପୁଣି ମେଦନୀପୁର ଜେଲକୁ ପଠାଇ ଦଆ-ଯାଇଥିଲା ।

ଖୋର୍ଦ୍ଧା ମୁଲକର ଲୋକମାନେ ରାଜାଙ୍କୁ ଜଗନ୍ନାଥଙ୍କର ଚଳନ୍ତ ପ୍ରତିମା ଭାବରେ ଯୁଗ ଯୁଗ ଧରି ପୂଜା କରି ଆସୁଥିଲେ । ଇଂରେଜମାନଙ୍କ ହାତରେ ତାଙ୍କ ଠାକୁର ରାଜାଙ୍କର ଏମିତି ନାରଖାର ଅବସ୍ଥା ଦେଖି ସେମାନେ ବଡ଼ ଉତ୍ତେଜିତ ହୋଇ ପଡ଼ିଲେ ।

ଫ୍ରେଚର ସାହେବ ଥିଲେ କଡ଼ା ଶାସକ ଥିଲେ । ସେ ଖୋର୍ଦ୍ଧା ମୁଲକରେ ଦେଖିଲେ ରାଜାଙ୍କର ସେନାପତି, ପାଇକ, ଦଲେଇ, ଦଲବେହେରାମାନେ ସବୁ କମିବାଡ଼ି ବନା ଖଜଣାରେ ଭୋଗ ଦଖଲ କରୁଛନ୍ତି । ଇଂରେଜମାନେ ଯଦି ସେମାନଙ୍କ ଠାରୁ ଖଜଣା ଆଦାୟ ନକରିବେ, ଏତେବଡ଼ ରାଜ୍ୟ ଶାସନ କରି ଲାଭ କ'ଣ ? ପୁଣି ଶାସନ ଚଳିବ କିପରି ? ତେଣୁ ସେ ହୁକୁମ ଦେଲେ ଯେଉଁମାନେ ଖଜଣା ନଦେବେ, ତାଙ୍କଠାରୁ ଜମିତକ କାଢ଼ି ନିଆଯିବ ।

ସେଇଆ ହେଲା । ଖଜଣା ନଦେଲେ, ସେମାନଙ୍କ ଜମିବାଡ଼ି ନିଲାମ ହେଲା । ରାଜାଙ୍କର ଜମିବାଡ଼ି ବି ନିଲାମ ହେଲା । ଜଗନ୍ନାଥଙ୍କ

ମନ୍ଦିରକୁ ଯାଇଥିଲା । ରାଜାଙ୍କ ଚଳବା ପାଇଁ କଣ୍ଟ ଭରା କେବଳ ଖଞ୍ଜି ରହିଗଲା । ଗଜପତି ରାଜା ପୁଣି ନିଜେ ଚଳିବା ପାଇଁ ଇଂରେଜମାନଙ୍କ ହାତ ଟେକିବାକୁ ଗୃହଁ ରହିଲେ ।

ଇଂରେଜ ସରକାର ତାଙ୍କ ଗୃହର ବର୍ଷରେ କମି ବନ୍ଦୋବସ୍ତ କରି ଖଜଣା ବଢାଇବାରେ ଲାଗିଲେ । ଦିନକୁ ଦିନ ଏହାର ଜୋର ଅସମ୍ଭାଳ ହେଲା । ଆଗରୁ ତ ରାଜା ଖଜଣା ନେଉ ନଥିଲେ । ଏବେ ଖଜଣା ଜୋର ବଢ଼ିବାରୁ ଲୋକଙ୍କୁ ଜୋର ବାଧିଲା । ଅନେକ ଜମିଦାରଙ୍କ ଜମିଦାରୀ ମଧ୍ୟ ଖଜଣା ନଦେଇ-ପାରିବାରୁ ନିଲାମ ହେଲା । ସାଧାରଣ ଲୋକଙ୍କଠାରୁ ରାଜା ଜମିଦାର ଯାଏ ସମସ୍ତେ ବଡ ହଇରାଣ ହରକତ ହେଲେ । ସେମାନଙ୍କ ମନରେ ବିଦ୍ରୋହର ନିଆଁ ଜଳିବାରେ ଲାଗିଲା ।

ଲୋକଙ୍କ ମନରେ ଯେଉଁ ନିଆଁ କୁହୁଳୁଥିଲା, ତାହା ୧୮୧୭ ମସିହାରେ ହୁଡୁକ୍ କରି ଜଳି ଉଠିଲା । ଓଡ଼ିଆ ପାଇକମାନଙ୍କର ବୀର ରକ୍ତ ଝକ୍ ଝକ୍ କରି ଫୁଟିଲା । ସେମାନଙ୍କର ନେତା ହେଲେ ଖୋର୍ଦ୍ଧାର ବକ୍ସି ଜଗବନ୍ଧୁ ବିଦ୍ୟାଧର । ରାଜାଙ୍କ ସେନାପତିଙ୍କୁ ବକ୍ସି କୁହା ଯାଉଥିଲା । ଯୁଗ ଯୁଗ ଧରି ଯେଉଁ ସେନାପତି ପାଇକ ସେନାଙ୍କର ନେତୃତ୍ୱ

ନେଇ ଗଙ୍ଗାଠାରୁ ଗୋଦାବରୀ ଯାଏ ରାଜ୍ୟ ଜୟ କରିଥିଲେ, ସେଇ ସେନାପତି ବଂଶର ବକ୍ସି ଜଗବନ୍ଧୁ ସେମାନଙ୍କୁ ନୂଆ ବଳ ଓ ସାହସ ଦେଲେ । ସେମାନଙ୍କର ନଗ୍ନ ମନରେ ଆଶାର ସଂଚାର କଲେ । ଖୋଦ୍ଧା ମୁଲକରେ ଆନ୍ଦୋଳନର ସୁଅ ଛୁଟିଲା ।

ବକ୍ସି ଜଗବନ୍ଧୁ ରେଢ଼ଙ୍ଗ ପ୍ରଗନା ବୋଲ ଏକ ବଡ଼ ଇଲାକା କେତେ ପୁରୁଷ ଧରି ସେନାପତି କାମ ପାଇଁ ଜାଗିରୀ ପାଇଥିଲେ । କିନ୍ତୁ ଏବେ ସେ ମଧ୍ୟ ଏଥିରୁ ବଂଚତ ହୋଇ ବଡ ଦୀନହୀନ ଅବସ୍ଥାରେ ଚଳୁଥିଲେ ।

ବକ୍ସି ଜଗବନ୍ଧୁଙ୍କ ଚଳିବା ଅବସ୍ଥା ସିନା ଖରାପ ହୋଇଥିଲା, ତାଙ୍କ ମନର ଅବସ୍ଥା ସେମିତ ଦୃଢ଼ ଥିଲା । ସେ ଖୁବ୍ ବୁଦ୍ଧିମାନ ଓ ସାହସୀ ଥିଲେ । ନିଜ ଦେଶ — ତା'ର ଭୂଇଁ, ତା'ର ପାଣି ପବନ, ତା'ର ରାଜା, ଠାକୁର ସବୁ ତାଙ୍କର ଅତି ପ୍ରିୟ ଥିଲା । ସେ ସମସ୍ତଙ୍କ ଦାଣ୍ଡର ଭିକାରୀ କରିଥିବା ଇଂରେଜ ଶାସନକୁ କେତେଦିନ ବା ମୁଣ୍ଡପାତି ସହନ୍ତେ ?

୧୮୧୭ ମସିହା ମାର୍ଚ୍ଚ ମାସ । ଗଞ୍ଜାମର ଘୁମୁସର ଅଞ୍ଚଳରୁ ପ୍ରାୟ ଚାରି ପାଞ୍ଚ ଶହ କଛ ଆସି ଖୋଦ୍ଧା ଅଞ୍ଚଳରେ ଲୁଟତରାଜ ଆରମ୍ଭ କରି

ଦେଲେ । ଖୋର୍ଦ୍ଧାର ପାଇକମାନେ ଏଇ ସୁଯୋଗରେ କନ୍ଧମାନଙ୍କ ସହିତ ମିଶି ଇଂରେଜମାନଙ୍କ ବିରୁଦ୍ଧରେ ମାଡ଼ଗଲେ । ବକ୍ସି ଜଗବନ୍ଧୁ ପାଇକମାନଙ୍କୁ ନେତୃତ୍ୱ ଦେଲେ । ସେମାନଙ୍କୁ ନରଣଗଡ଼ର ଦଲବେହେରା, କଣାସର ଦେବାନ କୃଷ୍ଣଚନ୍ଦ୍ର, ସର୍ଦ୍ଦାର କରୁଣାକର ପ୍ରଭୃତି ସାହାଯ୍ୟ କଲେ ।

ବିଦ୍ରୋହୀ ପାଇକମାନେ ପ୍ରଥମେ ବାଣପୁର ଥାନା ଉପରେ ଆକ୍ରମଣ କଲେ । ଦାରୋଗା ଓ ସିପେହିମାନେ ଜୀବନ ବିକଳରେ ଥାନା ଛାଡ଼ି ପାହାଡ଼ ଜଙ୍ଗଲରେ ଲୁଚିଲେ । ପାଇକମାନେ ଥାନାକୁ ଜାଳପୋଡ଼ ଧୂଳସାତ୍ କରିଦେଲେ । ବାଣପୁର ଖଜଣାଖାନା ଲୁଣ୍ଠ କରିନେଲେ ।

ଲୋକମାନେ ଲୁଣ ମାରିବାରେ ଇଂରେଜ ସରକାରଙ୍କ କଟକଣା ଯୋଗୁଁ ଖୁବ୍ ବିରକ୍ତ ହୋଇ ପଡ଼ିଥିଲେ । ତେଣୁ ବିଦ୍ରୋହୀ ପାଇକମାନେ ଚଲକା କୂଳକୁ ଧାଇଁଲେ । ଲୁଣ ଏଜେଣ୍ଟ ବେଚରଙ୍କୁ ହତ୍ୟା କରିବା ସେମାନଙ୍କର ଉଦ୍ଦେଶ୍ୟ ଥିଲା । କିନ୍ତୁ ବେଚର ଏ ଖବର ପାଇ ପ୍ରାଣଭୟରେ ପୁରୀ ଆଡ଼କୁ ପଳାଇଲେ । ପାଇକମାନେ ବେଚରଙ୍କୁ ନପାଇ ଚଲକାରୁ ଫେରିଲେ ।

ବାଣପୁରରେ ବଦ୍ରୋହର ସଫଳତା ପାଇକ-ମାନଙ୍କୁ ଖୁବ୍ ଉତ୍ସାହିତ କଲା । ସେମାନେ ମାତୃଭୂମିର ଜୟ ଜୟକାର କରି ଖୋର୍ଦ୍ଧା ଆଡ଼କୁ ଆଗେଇ ଗଲେ । ଖୋର୍ଦ୍ଧାରେ କଚେରୀ ଥିବାରୁ କେତେକ ଗୋରା ହାକିମ ଥା'ନ୍ତି । ହଜାର ହଜାର ପାଇକ ସମୁଦ୍ରର ଲହରୀ ପରି ମାଡ଼ ଆସୁଥିବାର ଶୁଣି ସେମାନେ ଖୋର୍ଦ୍ଧା ଛାଡ଼ କଟକକୁ ପଳାଇଲେ । ବଦ୍ରୋହୀମାନେ ଖୋର୍ଦ୍ଧାରେ ଇଂରେଜ କର୍ମଚାରୀମାନଙ୍କୁ ନପାଇ କମ୍ପା କେଉଁଠି କାହାଠାରୁ ବାଧା ନପାଇ ସହଜରେ କଚେରୀ ସବୁ ଜାଳପୋଡ଼ ପାଉଁଶ କରିଦେଲେ । ଖୋର୍ଦ୍ଧା ଖଜଣାଖାନା ଲୁଟ୍‌ପାଟ୍ କରିନେଲେ ।

ଇଂରେଜମାନଙ୍କର ଜଣେ ବଶ୍ୱସ୍ତ କର୍ମଚାରୀ ଥିଲେ ଚରଣ ପଟ୍ଟନାୟକ । ପାଇକମାନଙ୍କର ସବୁ ଭିତର ଖବର ଇଂରେଜମାନଙ୍କୁ ଜଣାଇ ଦେଉ-ଥିଲେ । ତେଣୁ ପାଇକମାନେ ରାଗିଯାଇଥିଲେ । ସେମାନେ ଚରଣଙ୍କ ଗାଁ ଲେମ୍ବାଇକୁ ଧାଇଁଲେ । ସେମାନେ ତାଙ୍କୁ ବଡ଼ ନିଷ୍ଠୁର ଭାବରେ ହତ୍ୟା କଲେ । ଦେଶଦ୍ରୋହୀକୁ ନପାଇ କରି ସେମାନେ ଖୁସି ହେଲେ ଆଉ ଲେମ୍ବାଇ ଅଞ୍ଚଳକୁ ନିଜ ଦଖଲରେ ରଖିଲେ ।

ଏହି ଖବର ଓଡ଼ିଶାର ରାଜଧାନୀ କଟକରେ ପହଞ୍ଚିଲା । ସେତେବେଳେ ସେଠା ବାରବାଟୀ ଦୁର୍ଗରେ ଓଡ଼ିଶାର କମିଶନର, ମାଜିଷ୍ଟ୍ରେଟ୍ ଓ ସେନାପତିମାନେ ରହୁଥିଲେ । ବଦ୍ରୋହ ଦମନ କରିବା ପାଇଁ ତିନିଜଣ ସେନାପତି ଓ ମାଜିଷ୍ଟ୍ରେଟ୍ ଖୋର୍ଦ୍ଧା ଚାଲିଲେ । ସାଥିରେ ସେମାନେ ପ୍ରଚୁର ତୋପ କମାଣ, ଗୋଳାବାରୁଦ ଆଉ ଖାଦ୍ୟଶସ୍ୟ ନେଇଥିଲେ । ଆଜିକାଲି ପରି ତ ରାସ୍ତାଘାଟର ସୁବିଧା ନଥିଲା । କଟକରୁ ପୁରୀକୁ ଏକମାତ୍ର ରାସ୍ତା ଜଗନ୍ନାଥ ସଡ଼କ ପଡ଼ିଥିଲା । ସେଇ ରାସ୍ତାରେ ସେମାନେ ଚାଲି ଚାଲି ବା ଶଗଡ଼ଗାଡ଼ିରେ ଖୋର୍ଦ୍ଧା ଗଲେ ।

ପାଇକମାନେ ଏହା ଜାଣି ଖୋର୍ଦ୍ଧା ପୂର୍ବରୁ ୩/୪ କିଲୋମିଟର ଦୂରରେ ଗଙ୍ଗପଡ଼ା ଜଙ୍ଗଲରେ ଲୁଚି ରହିଲେ । ସାହେବମାନେ ଯେଉଁ ବାଟେ ଯିବାର ଥିଲା, ଡାକୁ ହାଣି ଖଣ୍ଡିଆ ଖାବରା କରି ଦେଲେ ଆଉ ରାସ୍ତା ଉପରେ ପଥର ସବୁ ପାହାଡ ପରି ଗଦା କରିଦେଲେ ।

ସାହେବମାନେ ସଞ୍ଜ ବେଳକୁ ଗଙ୍ଗପଡା ପାଖରେ ପହଞ୍ଚି ରାସ୍ତାର ଏ ଅବସ୍ଥା ଦେଖିଲେ ।

ରାତ ମାଡ଼ ଆସିଲା । ତେଣୁ ସେମାନେ ଗଙ୍ଗପଡା ଛାଉଣିରେ ଡମ୍ବ୍ର ପକାଇ ରହିଲେ । ସକାଳ ହେଲା ମାତ୍ରେ ବଦ୍ରୋହୀ ପାଇକମାନେ ଏମିତି ଚଢାଉ କଲେ ଯେ, ଇଂରେଜ ସିପେହୀମାନେ ତାର ସାମନା କରି ପାରିଲେ ନାହିଁ । ସେମାନେ ଯେଉଁ ବାଟ ଦେଇ ଯାଇଥିଲେ ସେଇବାଟେ କଟକ ଆଡକୁ ଫେରିଲେ । ସେମାନେ ସଞ୍ଜ ବେଳକୁ ବାଲକାଟିରେ ପହଞ୍ଚି ବିଶ୍ରାମ ନେଲେ । ସେଠାରେ ମଧ୍ୟ ବଦ୍ରୋହୀ ପାଇକମାନେ ଲୁଟ ରହିଥିଲେ । ସେମାନେ ଇଂରେଜ ଫଉଜଙ୍କ ଉପରେ ପ୍ରବଳ ଆକ୍ରମଣ କରିଦେଲେ । କିନ୍ତୁ ସେମାନଙ୍କ ସଂଖ୍ୟା କମ୍ ଥିବାରୁ ଫିରଙ୍ଗି ଫଉଜଙ୍କ ମୁକାବଲା କରି ନପାରି ପାଖ ଆଖ ଗାଁକୁ ଗୁଲିଯାଇ ଲୁଟ ରହିଲେ । ସେଠାରୁ ଇଂରେଜ ସୈନ୍ୟ ଓ ସେନାପତିମାନେ ରାତି ରାତି କଟକ ପଳାଇ ଗଲେ ।

ଏବେ ଗଙ୍ଗପଡା ଜଙ୍ଗଲରେ ଲୁଟ ରହିଥିବା ପାଇକମାନଙ୍କୁ ସଣ୍ଢୁଆସି ଆକ୍ରମଣ କରିଗଲା । ଦଳେ ଇଂରେଜ ଫଉଜ ଖୋଦ୍ଦାଆଡୁ ଓ ଆଉ ଦଳେ ପିପିଲିପଟୁ ଆସି ସେମାନଙ୍କ ଉପରେ

ଅଗ୍ନନକ ଭାବରେ ଚଢାଉ କଲେ । ବଦ୍ରୋହୀ ପାଇକ ଓ ଗୋର୍ ପଉଜଙ୍କ ମଧ୍ୟରେ ଘମାଘୋଟ ଲଢେଇ ହେଲ୍ । ସେଥିରେ ଜଣେ ଇଂରେଜ ସେନାପତିଙ୍କ ସହିତ ବହୁ ଇଂରେଜ ସୈନ୍ୟ ମଲେ । ଆଉ ଜଣେ ସେନାପତି ପ୍ରାଣ ଭୟରେ ଗଙ୍ଗପଡ଼ା ଝାଙ୍ଗିରୁ କଟକ ଫେରି ଆସିଲେ ।

ଖୋର୍ଦ୍ଧାରେ ସାମରିକ ଆଇନ ଜାରି ହେଲ୍ । ବଦ୍ରୋହୀ ପାଇକମାନଙ୍କ ନେତା ବକ୍ସି ଜଗବନ୍ଧୁ ତାପଙ୍କ ଗଡର ଦଲବେହେରା ପ୍ରଭୃତିଙ୍କୁ ଗିରଫ କରିବା ପାଇଁ ପରୱାନା ବୁଲିଲ୍ । ପାଇକମାନେ ଏବେ ଖୋର୍ଦ୍ଧା ଛାଡ଼ି ପୁରୀ ଆଡକୁ ମୁହଁ ାଇଲେ । ସେମାନେ ଲୋକନାଥ ଘାଟ ବାଟେ ରାତ୍ରିକ ଭିତରେ ପୁରୀ ସହରରେ ପଶିଲେ । ସେଇ ରାତ୍ରିରେ ସେମାନେ ପୁରୀରେ ଥିବା ସବୁ ସରକାରୀ ଅଫିସ ପୋଡ଼ି ଜାଳି ଧ୍ୱଂସ କରିଦେଲେ । ତା ପରେ ପୁରୀର ପୂବରେ ଥିବା ଘନ ଝାଉଁ ଜଙ୍ଗଲ ମଧ୍ୟରେ ଲୁଚି ରହିଲେ ।

ଇଂରେଜ ସିପେହିମାନେ ରାତ୍ରିରେ ପାଇକ-ମାନଙ୍କର ସାମନା କରି ନପାରି ପ୍ରାଣ ଭୟରେ

ଲୁଣ ଏଜେଣ୍ଟଙ୍କ କୋଠିରେ ଲୁଚିଲେ । ତା ପରଦିନ ସକାଳୁ ଡୋପ ବନ୍ଧୁକ ଧରି ହାଉଁ ଜଙ୍ଗଲକୁ ଘେରାଉ କରିଦେଲେ । ଖୁବ୍ ଯୁଦ୍ଧ ଲାଗିଲା । ପାଇକମାନେ ଗୁଳି ଗୋଳାର ସାମ୍ନା କରି ନପାରି ସହର ଭିତରେ ପଶିଲେ । ସେମାନଙ୍କ ସହିତ ସହରର ବାସିନ୍ଦା ଆଉ ଜଗନ୍ନାଥଙ୍କ ସେବକମାନେ ଯୋଗଦେଇ ଗୋରା ସିପେହୀଙ୍କୁ ଆକ୍ରମଣ କଲେ । ଏଥିରେ ସିପେହୀମାନେ ହଟିପାଇ ଜୀବନ ପଳାଇଲେ । ଏମିତି କି ସେମାନଙ୍କ ସେନାପତି ଓ୍ୱିଲିଅମ୍ ମଧ୍ୟ ପୁରୀ ଛାଡ଼ି ପଳାଇଲେ । ପାଇକମାନେ ପୁରୀ ସହରକୁ ଦଖଲ କରି ମୁକୁନ୍ଦ ଦେବଙ୍କୁ ରାଜା ବୋଲି ଘୋଷଣା କଲେ ।

ଜୀବନରେ ଇଂରେଜ ହାକିମମାନଙ୍କ ଭୁଲେଣି ପଡ଼ିଲା । କପଟ ବଦ୍ରୋହୀ ପାଇକମାନଙ୍କୁ ଦମନ କରିବାକୁ ହେବ । ସେଠାରେ ସେତେବେଳେ ପାଂବରେ ନାମକ ଜଣେ ଭଲ ଜାଣୁଆ ସେନାପତି ଥିଲେ । ସେ ବହୁ ଇଂରେଜ ସିପେହୀ ଓ ଡୋପ ବନ୍ଧୁକ ଧରି ଖୋର୍ଦ୍ଧା ବାଟେ ପୁରୀ ଗଲେ । ପ୍ରଥମେ ଖୋର୍ଦ୍ଧାରେ ପହଞ୍ଚି ଦେଖିଲେ ସେଠାରେ

ଜଣେ ହେଲେ ବଦ୍ରାହୀ ପାଇକ ନାହାନ୍ତି । ସେଠାରୁ ସେ ପୁରୀ ଗଲେ ଆଉ ବାଟରେ ଯେତେ ପାଇକ ଗାଁ ପଡ଼ିଲା, ସବୁକୁ ପୋଡ଼ ଜାଳ ଧ୍ୱଂସ କରଦେଲେ ।

କଣାସର ଦେବାନ କୃଷ୍ଣଚନ୍ଦ୍ର ପାଂବରେଙ୍କ ଫଉଜଙ୍କୁ ପୁରୀ ଯିବାରେ ବାଧା ଦେବା ପାଇଁ ଲୁଣା ନଦୀ ବନ୍ଧ ପଛପଟେ ଛକ ରହିଥିଲେ । ଏ ଖବର ପାଇ ପାଂବରେ ଫଉଜଙ୍କୁ ତିନିଭାଗ କରି ତିନିପଟୁ ପାଇକଙ୍କ ଉପରେ ଚଢଉ କଲେ । ପାଇକମାନେ ଇଂରେଜଙ୍କ ଗୁଳି ଗୁଳାର ସମ୍ମୁଖୀନ ହୋଇ ନପାରି କଣାସ ଆଡ଼କୁ ପଳାଇ ଗଲେ । ପାଂବରେ ପୁରୀ ଆଡକୁ ଆଗେଇଲେ ।

ପୁରୀରେ ବକ୍ସି ଜଗବନ୍ଧୁ ପାଂବରେଙ୍କ ପୁରୀ ଆସିବା ଓ ବାଟରେ କଣାସର ଦେବାନଙ୍କ ପାଇକମାନଙ୍କୁ ହଟାଇ ଦେବା କଥା ଶୁଣିଲେ । ସେ ଦେଖିଲେ ଏଥର ଆଉ ଆହତ ବାଘକୁ ଅଟକାଇ ହେବ ନାହିଁ । ତେଣୁ ସେ ପାଇକ-ମାନଙ୍କୁ ଧରି ବାଣପୁର ଆଡ଼କୁ ପଳାଇଲେ । ଏଥି ଭିତରେ ରଜା ମୁକୁନ୍ଦ ଦେବ ମଧ୍ୟ ପୁରୀ

ଛାଡ଼ ପଳାଇବାକୁ ସଜ ହେଉଥିଲେ । କନ୍ତୁ ପାଂଚରେ ପୁରୀରେ ପହଞ୍ଚି ଯିବାରୁ ସେ ଆଉ ଯାଇ ପାରଲେ ନାହିଁ । ପାଂଚରେ ତାଙ୍କୁ ଗିରଫ କରି କଟକ ପଠାଇ ଦେଲେ । ସେ ପୁରୀରେ ପାଇକମାନଙ୍କୁ ପାଇଲେ ନାହିଁ । କନ୍ତୁ ତାଙ୍କ ଦ୍ୱାରା ରାଜାଙ୍କ ବନ୍ଦୀ ହେବା ଖବର ବକ୍ସି ଜଗବନ୍ଧୁ ପାଇ ରାଜାଙ୍କୁ ମୁକୁଳେଇବାକୁ ଚେଷ୍ଟା କଲେ । ସେ ସେତେବେଳେ ବାଣପୁର ଜଙ୍ଗଲରେ ଥା'ନ୍ତି । ସାଙ୍ଗେ ସାଙ୍ଗେ ସେ ଦଳେ ପାଇକଙ୍କୁ ପଠାଇଲେ ବନ୍ଦୀ ରାଜାଙ୍କୁ ବାଟରେ ମୁକୁଳେଇବା ପାଇଁ ।

ପିପିଲଠାରେ ପାଇକମାନେ ଜଗି ରହିଲେ । ଇଂରେଜ ସେନାପତି ସେଠାରେ ରାଜାଙ୍କୁ ଆଣି ପହଞ୍ଚିଲା ମାତ୍ରେ ପାଇକମାନେ ଆକ୍ରମଣ ଆରମ୍ଭ କରି ଦେଲେ । ଇଂରେଜ ସିପେହିଙ୍କ ସହିତ ଘମାଘୋଟ ଲଢ଼େଇ ହୋଇଲା । ଶେଷରେ ପାଇକମାନେ ହଟିଗଲେ । ମୁକୁନ୍ଦ-ଦେବ ବନ୍ଦୀ ହୋଇ ବାରବାଟୀ ଦୁର୍ଗରେ ରହିଲେ ।

ଏବେ ପାଇକମାନଙ୍କ ମଧ୍ୟରେ ଗୁଳେଣି ପଡ଼ିଲା । କ ଉପାୟ କରିବାକୁ ହେବ ? ଭାରତର ସବୁ ରାଜ୍ୟ ଇଂରେଜଙ୍କ ଅଧୀନସ୍ଥ । କେବଳ ଖୋର୍ଦ୍ଧା ଛଡା ସମଗ୍ର ଓଡ଼ିଶା ମଧ୍ୟ ସେମାନଙ୍କ ଅକ୍ତିୟାରରେ । ଆଉ ଏକାକୀ ପାଇକମାନେ କେତେ ଦିନ ଲଢ଼ିବେ ? ସମୁଦ୍ରର ଜୁଆରକୁ କପଟ ଅଟକାଇବେ ?

ତେବେ କ'ଣ ଇଂରେଜଙ୍କ ପାଖରେ ଶରଣ ପଶିବାକୁ ହେବ ? ତାହା ହୋଇ ପାରିବ ନାହିଁ । ବକ୍ରନାଦରେ ବକ୍ସି ଜଗବନ୍ଧୁ ଉତ୍ତର ଦେଲେ– ସୂର୍ଯ୍ୟ ପଶ୍ଚିମରେ ଉଦୟ ହେଲେ ମଧ୍ୟ ପାଇକ ପୁଅ ଫିରଙ୍ଗ ଫଉଜ ପାଖରେ ମୁଣ୍ଡ ପାତିବ ନାହିଁ । ଯେଉଁ ଇଂରେଜ ସରକାର ଆମଠାରୁ ଆମ ଜମିବାଡ଼ି, ଘରଦ୍ୱାର ଛଡାଇ ନେଲା, ଆମ ଠାକୁର ରାଜାଙ୍କୁ ବାରବୁଲା କରି ଶେଷରେ ବନ୍ଦୀ କରି ରଖିଲା, ତାକୁ ଏ ଦେଶରୁ ନ ଭଡ଼ିବା ଯାଏ ଆମର ବିଶ୍ରାମ ନାହିଁ ।

ଏହି ବିଚାର ଚାଲିଥିଲା ବେଳେ ଖବର ମିଳିଲା ଯେ ଇଂରେଜମାନେ ବକ୍ସିଙ୍କର ମାଆ-

ବୁଢୀ, ସ୍ତ୍ରୀ, ପୁଅ, ପୁଡୁରା ପ୍ରଭୃତି ସମସ୍ତଙ୍କୁ ବାନ୍ଧି ନେଇ ଯାଇଛନ୍ତି । ପାଇକମାନେ ବାଟରେ ଯେତେ ଚେଷ୍ଟା କଲେ ବି ସେମାନଙ୍କୁ ଅଟକାଇ ପାରିଲେ ନାହିଁ । ବରଂ ଗୋଟା ଫଉଜ ରାଗରେ ରେଢଙ୍ଗର ସାହ ସାହ, ଗାଆଁ ଗାଆଁରେ ନଆଁ ଲଗାଇ ଦେଇଥିଲେ ।

ଜଣେ ପାଇକ କହିଲେ– ଆମର ତ ଆଉ ଦଉଡୁକ ନାହିଁ,ଗୁଳଗୋଳା ନାହିଁ; ବାରୁଦ ନାହିଁ । ଏମିତିକ ଚଳିବାକୁ ରସଦ ନାହିଁ । ଆମେ କେତେ ଦିନ ଏକା ଇଂରେଜମାନଙ୍କ ସହିତ ଲଢ଼ିବା ? ଏବେ ଆମର ଅବସ୍ଥା ବଡ଼ ଖରାପ । ଏବେ ଉପାୟ କ'ଣ ?

ବକ୍ସି ଗମ୍ଭୀର ଭାବରେ ଉତ୍ତର ଦେଲେ— ଅଛି, ଉପାୟ ଅଛି । ସେ ଉପାୟ ହେଲା, ବନା ବନ୍ଧୁକ ଗୁଳି ଗୁଳାରେ ଆମର ଲଢେଇ ଚାଲିବ । ଆମକୁ ଇଂରେଜମାନଙ୍କ ସହିତ ଅସହଯୋଗ କରିବାକୁ ହେବ ।

ସମସ୍ତେ ଏକସ୍ୱରରେ ପଚାରିଲେ – ଅସହଯୋଗ ! ସେ କ'ଣ ?

ବକ୍‌ସି ଦୃଢ଼ ସ୍ୱରରେ ବୁଝାଇଦେଲେ – ତାହା ହେଲା, ଆମେ ଇଂରେଜ ବା ତାଙ୍କ ପକ୍ଷରେ କାହା ସହିତ କଣ୍ଟ ସଂପର୍କ ରଖିବା ନାହିଁ । ଇଂରେଜମାନେ ଆମ ଠାରୁ ଅନ୍ୟାୟ ଭାବରେ ଖଜଣା ଆଦାୟ କରି ଆମ ବରୁଦ୍ଧରେ ଲଢ଼େଇ କରୁଛନ୍ତି । ଆମର କ୍ଷେତର ଶସ୍ୟରେ ସେମାନଙ୍କର ଶସ୍ୟ ଭଣ୍ଡାର ପୂର୍ଣ୍ଣ କରୁଛନ୍ତି ! ଆଜିଠାରୁ ସେମାନଙ୍କୁ ଆମେ କାଣି କଉଡ଼ିଟେ ସୁଦ୍ଧା ଦେବା ନାହିଁ । ଗୃଷବାସ କରିବା ନାହିଁ । ଘରଦ୍ୱାର ଛାଡ଼ି ଜଙ୍ଗଲରେ ରହିବା । ଦେଖିବା ସେମାନେ କାହା ଉପରେ ଅତ୍ୟାଚାର କରିବେ ?

ଜଣେ ପାଇକ ସର୍ଦ୍ଦାର ପଚାରିଲେ – ଏଇ ଉପାୟ କ'ଣ ଆମର ସଫଳ ହେବ ? ଇଂରେଜ ସରକାର ଏଥିରେ ବଦଳ ଯିବ ?

ବକ୍‌ସି ଟାଣ ସ୍ୱରରେ ଉତ୍ତର ଦେଲେ – ହଁ, ନିଶ୍ଚୟ ଏଇ ଉପାୟ ସଫଳ ହେବ । ଇଂରେଜ ଏଣିକ କାହାଠାରୁ ଖଜଣା ଆଦାୟ କରିବ ? କାହାର ଫସଲ ନେବ ? କାହାକୁ ହଇରାଣ କରିବ ? ଦମ୍ଭଧର ଜଙ୍ଗଲରେ ଆମେ ରହିବା ।

ଦେଖିବା କ'ଣ ହେଉଛି ? ମୋର ବିଶ୍ୱାସ, ଇଂରେଜମାନେ ଏଥିରେ ହସିବେ ।

ବକ୍‌ସିଙ୍କର ଏଇ ନୂଆ କୌଶଳ ସମସ୍ତଙ୍କ ମନକୁ ପାଇଲା । ଇଂରେଜ ସରକାରଙ୍କ ସହିତ ଅସହଯୋଗ ଆନ୍ଦୋଳନ ଚାଲିଲା । ଶେଷରେ ବକ୍‌ସିଙ୍କୁ ଧରାଇ ଦେଲେ ପାଞ୍ଚହଜାର ଟଙ୍କା ପୁରସ୍କାର ଦେବା ପାଇଁ ଇଂରେଜ ସରକାର ଘୋଷଣା କଲେ । ତା'ର କିଛି ମୂଲ୍ୟ ନହେବାରୁ କଟକ କମିଶନର ଚିଠି ଲେଖି ଜଣାଇଲେ ଯେ ଜଗବନ୍ଧୁ ନିଜେ ଆସି ଧରାଦେଲେ ତାଙ୍କର ଜୀବନ ରକ୍ଷା ହେବା ସଙ୍ଗେ ସଙ୍ଗେ ତାଙ୍କର ଚଳିବା ପାଇଁ ଏକ ଭତ୍ତା ଖଞ୍ଜି ଦିଆଯିବ । ସେ କୌଣସି ସ୍ଥାନରେ ନଜର ବନ୍ଦୀ ହୋଇ ରହିବେ । କିନ୍ତୁ ଏହି ଚିଠିର ଉତ୍ତର ମିଳି ନଥିଲା ।

ତା'ପରେ ଜଗବନ୍ଧୁ ତାଙ୍କ ପୋଷିଆଁ ପୁଅ ଗୋପୀନାଥଙ୍କ ହାତରେ ପୁରୀର ମାଜିଷ୍ଟ୍ରେଟ୍‌ଙ୍କ ପାଖକୁ ଓଡ଼ିଆରେ ଲେଖି ଗୋଟିଏ "ଚିଠା" ପଠାଇ ଥିଲେ । ଏଥିରୁ ବକ୍‌ସିଙ୍କର ମନର ବଳ; ସାହସ, ଉଦାରତା, ଗରୀବ ଲୋକମାନଙ୍କ ପ୍ରତି

ତାଙ୍କର ସହାନୁଭୂତି, ଓଡ଼ିଆ ରାଜାଙ୍କ ପ୍ରତି ତାଙ୍କ ଭକ୍ତିଭାବ ଜଣାପଡ଼େ । ଫିରିଙ୍ଗ ଶାସନରେ ସୁଖୀ ଖୋର୍ଦ୍ଧା ମୁଲକ କିପରି ଦୁଃଖୀ ହୋଇଛି, ପ୍ରଜାମାନେ କିପରି ତିନିଗୁଣ ଅଧିକ କର ଦେଉଛନ୍ତି, ଆଉ ଲୁଣ ପାଞ୍ଚଗୁଣ ଅଧିକ ଦରରେ କିଣୁଛନ୍ତି ସେଥିପାଇଁ ସେ ଚିଠିରେ ଦୁଃଖ ପ୍ରକାଶ କରିଥିଲେ । ଲକ୍ଷ ଲକ୍ଷ ଲୋକ ଏଥିପାଇଁ ବଣ ଜଙ୍ଗଲକୁ ପଳାଇଛନ୍ତି ବା ଦାଣ୍ଡର ଭିକାରୀ ହୋଇଛନ୍ତି ଆଉ ସେମାନଙ୍କର ନେତା ଭାବରେ ସେ ଆଜି ବନବାସୀ ହୋଇଛନ୍ତି ବୋଲି ଏଥିରେ ଲେଖିଥିଲେ ।

୧୮୨୦ରେ ଇଂରେଜ ସରକାର ଜଗବନ୍ଧୁଙ୍କ ପରିବାରକୁ ଛାଡ଼ି ଦେଇଥିଲେ । ଶେଷରେ ଜଗବନ୍ଧୁଙ୍କୁ ବନ୍ଦୀ କରିବାର ସବୁ ଚେଷ୍ଟା ବିଫଳ ହେବାରୁ ଇଂରେଜ ସରକାର ତିନିଗୋଟି ସର୍ତ୍ତରେ ତାଙ୍କୁ କ୍ଷମା ଦେବେ ବୋଲି ଜଣାଇ ଦେଲେ । ସେଥିରୁ ଗୋଟିଏ ହେଲା, ଜଗବନ୍ଧୁ ବଂଶ ପରମ୍ପରାଗତ ଅଧିକାରକୁ ଛାଡ଼ିବେ, ଦ୍ୱିତୀୟରେ କଟକ ବା ତା'ର ଆଖ ପାଖ ଅଞ୍ଚଳରେ ରହିବେ ଆଉ ମାଜିଷ୍ଟ୍ରେଟଙ୍କ ବିନା

ଅନୁମତରେ କୁଆଡ଼େ ଯିବେ ନାହିଁ । ତୃତୀୟରେ ସେ ମାସକୁ ଶହେଟଙ୍କା ଭତ୍ତା ପାଇବେ ।

ଖୋର୍ଦ୍ଧା ମାଜିଷ୍ଟ୍ରେଟ୍ ଏହି ଆଦେଶ ଜଗବନ୍ଧୁଙ୍କର ପୋଷିଆଁ ପୁଅ ଗୋପୀନାଥଙ୍କୁ ଜଣାଇ ଦେଇଥିଲେ । ତା'ର ଦଶ ବାର ଦିନ ପରେ ଗୋପୀନାଥ ଜଗବନ୍ଧୁଙ୍କ ମତାମତ ମାଜିଷ୍ଟ୍ରେଟ୍‌ଙ୍କୁ ଜଣାଇ ଦେଇଲେ । ତାହା ହେଲା— ରାଜାଙ୍କୁ ତାଙ୍କ ରାଜ୍ୟ ଫେରାଇ ଦେଇଲେ ସେ ନଜେ ଧରାଦେବେ ।

ମାନ୍ଦ୍ରାଜ ସରକାର ଏହା କରିବା ପାଇଁ ମନା କରିଦେଇଲେ । ଏଥିରେ ଜଗବନ୍ଧୁ ଖୁବ୍ ଦୃଢ଼ ରହିଥିଲେ । ଖୋର୍ଦ୍ଧା ମୁଲକର ଲୋକେ ତାଙ୍କ ସମ୍ପର୍କରେ କୌଣସି ଖବର ଇଂରେଜଙ୍କୁ ଜଣାଇଲେ ନାହିଁ । ତେଣୁ ଉଭୟେ ଛକାପଂଝାରେ ରହିଲେ । ଏହା ପରେ ଦିନେ କେଉଁ ପରିସ୍ଥିତିରେ ଜଗବନ୍ଧୁ ୧୮୨୫ରେ ଇଂରେଜ ସରକାରଙ୍କୁ ଧରା ଦେଇଥିଲେ, ତାହା ଜଣାପଡେ ନାହିଁ ।

ସରକାରଙ୍କ ପୂର୍ବ ସର୍ତ୍ତ ଅନୁସାରେ ଜଗବନ୍ଧୁ ନିଜର ସବୁ ବଂଶଗତ ଅଧିକାରକୁ ଛାଡ଼ିଲେ ।

କ'ଣ କା ଥିଲା ? ତାଙ୍କ ଚଳିବା ପାଇଁ ଯେଉଁ ଶହେ ଟଙ୍କା ଭତ୍ତା ଠିକ୍ ହୋଇଥିଲା, ତାହା ଶହେ ପଚାଶ ଟଙ୍କାକୁ ବଢ଼ିଥିଲା । ସେ କମିଶନଙ୍କ ବିନାନୁମତିରେ କଟକ ଛାଡ଼ି ଯାଇ ପାରିଲେ ନାହିଁ । ସମ୍ଭବତଃ ସେ ଆଜିର ବକ୍‌ସି ବଜାର ଅଞ୍ଚଳରେ ରହୁଥିଲେ । ବର୍ତ୍ତମାନ ସେଠାରେ ଥିବା ବକ୍‌ସି ପୋଖରୀ ତାଙ୍କ ରହୁଥିବା ଘର ପାଖରେ ଥିବା ଅନୁମାନ ।

୧୮୨୯ ମସିହା ଜାନୁୟାରୀ ୨୪ ତାରିଖରେ ଖୋର୍ଦ୍ଧାସିଂହ ବକ୍‌ସି ଜଗବନ୍ଧୁ ଶେଷ ନିଃଶ୍ୱାସ ଛାଡ଼ିଥିଲେ । ଜାତିର ସୁଯୋଗ୍ୟ ସନ୍ତାନ ଭାବରେ ତାଙ୍କର ବୀରତ୍ୱ, ଦେଶପ୍ରେମ ଓ ସାହସ ସୁନା ଅକ୍ଷରରେ ଲେଖା ହୋଇ ରହିବ । ଗାନ୍ଧିଜୀ ଶହେବର୍ଷ ପରେ ଇଂରେଜ ସରକାରଙ୍କ ବିରୁଦ୍ଧରେ ଯେଉଁ ଅସହଯୋଗ ଆନ୍ଦୋଳନ ଚଳାଇଥିଲେ, ଜଗବନ୍ଧୁ ଯେ ତା'ର ପ୍ରଥମ ପ୍ରବର୍ତ୍ତକ, ଏହା କହିଲେ ଭୁଲ ହେବ ନାହିଁ ।

ଫିରିଙ୍ଗ ଶାସନର ଅନ୍ଧକାର ଯୁଗରେ ଯେତେବେଳେ ନ୍ୟାୟ ଓ ସତ୍ୟ ବିଚାରର

ସତ୍ତା ନଥିଲା, ସେତେବେଳେ ନିଜର ମାତୃଭୂମି, ନିଜର ପ୍ରଜା ଓ ନିଜର ଭାଇ ଭଉଣୀଙ୍କ ପାଇଁ ଭାଙ୍ଗର ଯେଉଁ ଦରଦ ଓ ସ୍ନେହ ମମତା ଥିଲା, ତାହାର ତୁଳନା ନାହିଁ । ଇଂରେଜ ଶାସନ ବିରୁଦ୍ଧରେ ବହୁ ବର୍ଷ ଧରି ମେରୁ ପର୍ବତ ଅଚଳ ଅଟଳ ରହି ଆଉ ସ୍ୱାଧୀନତା ଲଢ଼େଇର ପହିଲା ସେନାପତି ଭାବରେ ଯେଉଁ ଆଦର୍ଶ ଦେଖାଇ ଯାଇଛନ୍ତି, ତାହା ସବୁଦିନ ପାଇଁ ଅଭୁଲା ହୋଇ ରହିବ ।



2



ପାଇକ ବଜା
ଦାନୀ ବଳଭଦ୍ରଙ୍କର।

୧୮୦୩ ମସିହା। ଇଂରେଜମାନେ କଲେବଲେ କୌଶଳେ ସେତେବେଳେ ଓଡ଼ିଶାର ରାଜଧାନୀ ଖୋରଧା ଅଧିକାର କଲେ। ତା ପରବର୍ଷ ରାଜା ମୁକୁନ୍ଦ ଦେବଙ୍କୁ ଗାଦିରୁ ବାହାର କରି-

ଦେଇଥିଲେ । ତାଙ୍କୁ ମଧ୍ୟ ବଦ୍ରୋହୀ ବୋଲି ଘୋଷଣା କରିଥିଲେ । ପାଇକମାନେ ଏଭଳି ଅବସ୍ଥାରେ ଚୁପ ହୋଇ ରହିଛନ୍ତି କେଉଁକେ ? ସଦାବେଳେ ଖୋରଧା ଅଞ୍ଚଳରେ ଅଶାନ୍ତି ଲାଗି ରହିଲା । ଫଳରେ ଇଂରେଜମାନେ ଖୋରଧାକୁ ସିଧାସଳଖ ଶାସନ କଲେ । ଖୋରଧା ମୁଲକ ହେଲା ଜଗାନ୍ନାଥଙ୍କର "ଖାସ ମାହାଲ" ।

ମେଜର ଫ୍ରେଚର ସାହେବ ଖୋରଧାର ଶାସକ ପଦବୀରେ ନିଯୁକ୍ତ ପାଇଥିଲେ । ସେ ଥିର ଜଡ଼ା ଥିଲେ । ସେ ୧୮୦୫ରେ ବନ୍ଦୋବସ୍ତ କରି ସିଧା ଜମିବାଡ଼ି ଉପରେ ଖଜଣା ବସାଇଥିଲେ । ନିଜ ସୁବିଧା ପାଇଁ ଜାଗିର ପ୍ରଥା ଉଠାଇ ଦେଇଥିଲେ । ଫଳେ ଖୋରଧା ମୁଲକରେ ଭୟ ଆଉ ଅଶାନ୍ତିର ନଆଁ ଦୁକୁଦୁକୁ ହୋଇ ଜଳି ଉଠିଲା ।

ପୁଣି.....

୧୮୦୬ ମସିହାରେ ଓଡ଼ିଶାର ପୁରୀ, କଟକ ଓ ବାଲେଶ୍ୱରର ବହୁ ଜମିଦାରୀ କଲିକତାରେ ନିଲାମ ହେଲା । ବଙ୍ଗାଳୀ ଆଉ ପଠାଣମାନେ

ଚକ୍ରାନ୍ତ କରି ସେସବୁ ହାତ କଲେ । ଚିଲିକା ଆଉ ବଙ୍ଗୋପସାଗରରୁ ଲୋକେ ଅନା ଜେଜେ ଅମଳରୁ ଯେଉଁ ଲୁଣ ମାରି ଆସୁଥିଲେ, ଇଂରେଜ-ମାନେ ତାକୁ ବନ୍ଦ କରିଦେଲେ । ଯେଉଁ ତନ୍ତୀ-ମାନେ ସରୁ ଆଉ ସୁନ୍ଦର ଲୁଗାପଟା ବୁଣୁଥିଲେ ଇଂରେଜମାନେ ସେଥିରେ ବି ବାଧାଦେଲେ । ସେମାନଙ୍କର ଅତ୍ୟାଚାର ଆଉ ଅବିଚାର ଦିନକୁ ଦିନ ବଢ଼ିବାରେ ଲାଗିଲା ।

ଏହାରି ବିରୁଦ୍ଧରେ ଓଡ଼ିଆ ପାଇକମାନେ ଯୁଦ୍ଧ ଘୋଷଣା କଲେ ୧୮୧୭ ମସିହାରେ । ମାର ବା ମର -- ଏହା ହେଲା ସେମାନଙ୍କର ଶପଥ । ଇଂରେଜମାନଙ୍କର ଅତ୍ୟାଚାରକୁ ସେମାନେ ଆଉ ମୁଣ୍ଡ ପାତି ସହି ପାରିଲେ ନାହିଁ । ସେମାନଙ୍କର ତାଜାରକ୍ତ ଆହୁରି ତେଜି ଉଠିଲା । ପାଗଳ ହାତୀ ପରି ସେମାନେ ମାତି ଗଲେ ।

ଖୋରଧା ପାଇକ ବୀରମାନଙ୍କର ନେତା ହେଲେ ବକ୍ସି ଜଗବନ୍ଧୁ ବିଦ୍ୟାଧର ମହାପାତ୍ର । ଏହି ଆନ୍ଦୋଳନକୁ ପାଇକ ବିଦ୍ରୋହ ବା ପାଇକ

ଆନ୍ଦୋଳନ ବୋଲି ଇତିହାସରେ କହିଲେ ହେଁ, ଏହାହିଁ ସତରେ ଭାରତର ପହିଲ ସ୍ୱାଧୀନତା ଲଢ଼େଇ ।

ଇଂରେଜମାନଙ୍କ ଆଧୁନିକ ଅସ୍ତ୍ର ଶସ୍ତ୍ର ପାଖରେ ଓଡ଼ିଶା ପାଇକମାନଙ୍କର ପୁରୁଣାକାଳିଆ ହାତ ହତିଆର ଟେକ ପାରିଲା ନାହିଁ । ବଦ୍ରୋହ ବିଫଳ ହେଲା । ବକ୍ସି ଧରା ପଡ଼ିଲେ । ୧୮୨୫ରୁ ୧୮୨୯ ଯାଏ ଇଂରେଜମାନେ ତାଙ୍କୁ ନଜରବନ୍ଦୀ ଭାବରେ ରଖିଥିଲେ । ସେତେବେଳେ ସେ କଟକର ଟେଉଁ ଅଞ୍ଚଳରେ ରହୁଥିଲେ, ଏବେ ତାକୁ ବକ୍ସି ବଜାର କୁହାଯାଉଛି । ବାଣପୁରର କୃତ୍ତିବାସ ପାଟଶାଣୀ, ପିଣ୍ଡିକ ବାହୁବଳେନ୍ଦ୍ର ଆଦି ବୀରମାନଙ୍କୁ ଇଂରେଜମାନେ କଲାପାଣିକୁ ପଠାଇଲେ । ଖୋରଧାର ଜୟୀ ରାଜଗୁରୁ ଫାଶି ପାଇଲେ । କେହି ହାତ ହତିଆର ଧରି ପାରିବେ ନାହିଁ ବୋଲି ଇଂରେଜ ସରକାର ଜଣାଇ ଦେଲେ । ଖୋରଧା ଅଞ୍ଚଳରେ ମଶାଣିର ଶାନ୍ତ ବିରାଜମାନ ହେଲା । କିନ୍ତୁ ମଶାଣିର ପାଉଁଶ ଗଦା ତଳେ ନଆଁ ଝୁଲ ପରି ଅଶାନ୍ତ ଦିକ୍-ଦିକ୍ ହୋଇ ଜଳୁଥିଲା ।

ଇଂରେଜମାନେ ଏଇ ବିଦ୍ରୋହକୁ ପୁରାପୁରି ଦମନ କରିବା ପାଇଁ ରବର୍ଟ୍ସ କେର୍ ଓ ତାଙ୍କ ପରେ ଭଇଲଜନ୍‌ସନ ସାହେବଙ୍କୁ ଖୋରଧାର ମାଜିଷ୍ଟ୍ରେଟ୍ ପଦରେ ନିଯୁକ୍ତ କଲେ । ୧୮୧୯ରେ ଇଂରେଜମାନେ ଘୋଷଣା କଲେ ଯେ – ଯେଉଁ-ମାନେ ଦଳବେହେରା, ଦଳେଇ, ସରଦାର, ସରକରଜାର ପ୍ରଭୃତି ପାଇକ ବିଦ୍ରୋହରେ ଜେତା ହୋଇଥିଲେ; ସେମାନେ ଆସି ନିଜର ଭୁଲ ମାନିଲେ କ୍ଷମା ମିଳିବ । ନଚେତ ସେମାନଙ୍କୁ କଠୋର ଶାସ୍ତି ଦିଆଯିବ ।

କିନ୍ତୁ ଜୀବନ ଆଶାରେ ଏମିତି ଭୁଲ ମାନିବାକୁ ବୀର ପାଇକମାନେ ଅପମାନ ମଣିଲେ । ତାପଙ୍ଗ ଗଡ଼ର ଦଳବେହେରା ସାମନ୍ତ ମାଧବ ଦେବ ଘୋଷଣାପତ୍ର ଏଇ ଆଦେଶକୁ ଅମାନ୍ୟ କଲେ । ସେ ଇଂରେଜ ଶାସନ ଲୋପ କରି ଓଡ଼ିଶାରେ ସ୍ୱାଧୀନ ଗଜପତି ପ୍ରଭୁତ୍ୱ ଚଳାଇବାକୁ ପଣ କଲେ ।

୧୮୧୭ରୁ ୧୮୨୭ ଯାଏ ଇଂରେଜମାନେ ତାପଙ୍ଗ ଅଞ୍ଚଳରୁ ଖଜଣା ଆଦାୟ କରି ପାରି

ନଥିଲେ । ତେଣୁ ଖଜଣା ଆଦାୟ କରିବା ଆଳରେ ଗୋରା ଫଉଜ ଛାପଙ୍ଗ ଗଡରେ ପଶିଲେ । କାଶ୍ତ-ଗୋଦାଠାରେ ସାତଦିନ ଧରି ମୁଜ୍ରା ଗଣିଲା । ଜଲଙ୍ଗିହେରଙ୍କ ଗୁପ୍ତ ଅସ୍ତ୍ର ଭଣ୍ଡାରରୁ ହାତ ହତିଆର ଆଣି ପାଇକମାନେ ଜୀବନକୁ ପାଣି ଛଡ଼ାଇ ଲଢେଇ କଲେ ।

ଏଇ ଯୁଦ୍ଧରେ ସୁଣି ଯୋଗଦେଲେ ଖୋରଧା ମୁଲୁକର ଆଉ ପାଇକ ବୀରମାନେ । ଜଲ-ଜେହେରଙ୍କ ଜସ୍ମ ହେବାର ଆଶା ଯେତେବେଳେ ଉଜ୍ଜ୍ୱଳ, ସେତେବେଳେ ଘର ଭିଙ୍ଗି କୁମ୍ଭୀର ହେଲା । ମଧୁ ପଟ୍ଟନାୟକ ନକ୍ସା କାଢି ଇଂରେଜ-ମାନଙ୍କ ଗୁପ୍ତ ଅସ୍ତ୍ର ଭଣ୍ଡାରକୁ ରାସ୍ତା ଦଉାଇ ଦେଲେ । ଫଳରେ ଇଂରେଜମାନେ ସେଠାକୁ ଯାଇ ଅଗ୍ନ୍ୟସ୍ତ୍ର ଭରିରେ ସେଥିରେ ନିଆଁ ଲଗାଇ ଦେଲେ । ଅସ୍ତ୍ର ଭଣ୍ଡାର ଧୂଳିସାତ୍ ହେଲା । ତା ସାଥିରେ ପାଇକମାନଙ୍କର ଜସ୍ମ ଲଭର ଆଶା ପୋଡ଼ି ଛାରଖାର ହୋଇଗଲା ।

ଅସ୍ତ୍ରଶସ୍ତ୍ର ଅଭାବରୁ ପାଇକମାନେ ହତାଶ ହୋଇ ପଡ଼ିଲେ । ଚତ୍ରନାଥ ଧନୁର୍ଦ୍ଧର ଶ୍ରୀଚନ୍ଦନ

ପ୍ରାଣ ହରାଇଲେ । ଦଳବେହେରା ନଜକୁ ଲୁଚାଇ ସୁଟଯୋଗ ଉଣ୍ଡିଲେ ଦାଉ ସାଧିବାକୁ । ନଜର ଶ୍ୱଶୁର ଘର ବଡ଼ପାଣରେ ସେ ରହୁଥିବା ଜାଣି ଇଂରେଜମାନେ ତାହା ଆକ୍ରମଣ କଲେ । କନ୍ତୁ ଚତୁର ଦଳବେହେରା ସେଠାରୁ ଛପି ଛପି ଖସି ଗଲେ । ଚଲକା କୂଳ ପାହାଡ ଜଙ୍ଗଲରେ ଲୁଚ ବୁଲିଲେ ।

ସେଠାରୁ ସେ ବଦ୍ରୋହର ନଆଁ ଜାଳଲେ । ଇଂରେଜମାନଙ୍କୁ ଲୁଚ ଛପି ମାରିଲେ । ଇଂରେଜ-ମାନେ ଏଥିରେ ଡରିଯାଇ ଘୋଷଣା କଲେ ଯେ ଦଳବେହେରାଙ୍କୁ ଜୀବନ୍ତ ବା ମୃତ ଅବସ୍ଥାରେ ଧରାଇ ଦେଲେ ପ୍ରଚୁର ପୁରସ୍କାର ଦଆଯିବ । କନ୍ତୁ ଏଇ ଘୋଷଣା ଘୋଷଣାରେ ହିଁ ରହିଲା । କିଏ ବା ତାଙ୍କୁ ଧରାଇବ ?

ଥରେ ଖୁବ୍ ବଡ଼ ବଞ୍ଚା ହେଲା । ଚଲକା କୂଳ ସୋରଣ ଗାଁରେ ବହୁ ଲୋକଙ୍କର ଘରଦ୍ୱାର ଭାଙ୍ଗିଗଲା । ଜଣେ ମାଛଧରାଳର ନାଆଟି ଚଲକାରେ ବୁଡ଼ିଗଲା । ସେ ବଚରା ପେଟ ପୋଷିବାର ଆଶା ଭରସା ହରାଇଲା । ଦନେ ସେ

ଠିକ୍‌କଲା ଡାପଙ୍ଗ ଦଲବେହେରାଡ ଥିଲା ଦୟାଳୁ ଆଉ ପରୋପକାରୀ । ତାଙ୍କୁ ନଜର ଦୁଃଖ ଜଣାଇଲେ ସେ ନିଶ୍ଚୟ ତାର ଦୁଃଖ ଦୂର କରିବେ । ତେଣୁ ସେ ଡାପଙ୍ଗ ଯିବାକୁ ଠିକ୍ କଲା ।

ଚଲକା କୂଳ ବଣ ଭିତରେ ଗରିବ ମାଛ ଧରୁଲି ଗୁଲଥାଏ । ହଠାତ୍ ସେ ଦେଖିଲା ନଗ ଦାଢ଼ି ବଢ଼ାଇ ଜଣେ ଲୋକ ପାଗଳ ପରି ଜଙ୍ଗଲରେ ବୁଲୁଛି ।

ମାଛ ଧରୁଲି ପଚାରିଲା— ଡାପଙ୍ଗ ଗଡ଼କୁ ବାଟ କେଉଁଠି ?

ବନବାସୀ ଲୋକଟି କହିଲା— ସେଠାକୁ ଯିବ ଚାହିଁକ ?

ମାଛ ଧରୁଲି ଲୁହ ଢଳ ଢଳ ଆଖିରେ ତା ଆଡକୁ ଚାହିଁ କହିଲା— ହଁ, ମୁଁ ଯିବ । ମୋର ନାଆଟି ଚଲକା ପାଣିରେ ବୁଡ଼ିଗଲା । ତା'ର ଥିଲ କୂଳ ମୁଁ ପାଇଲି ନାହିଁ । ପେଟ ପାଟଣା ଚଳାଇ-ବାର ତାହା ଏକମାତ୍ର ସମ୍ବଳ । ମାଛ ଧରି ବିକି ମୁଁ ପିଲାଙ୍କ ପୁଣ୍ଡରେ ଆହାର ଦିଏ । ଏବେ

ପିଲାଏ ଲୋକେ ଉପାସେ ପଡ଼ିଛନ୍ତି । ସେମାନେ କନ୍ଦାକଟା କଣ୍ଡବାରୁ ଆକି ଯାଉଛୁ ଡାପଙ୍ଗ ଦଳ-ବେହେରାଙ୍କ ପାଖକୁ । ମୋର ଦୁଃଖ ଜଣାଇବ । ସେ ନଶ୍ଚେ ମୋର ସାହା ହେବେ ।

ନଜ ଆଖି ଦୁଇଟିକୁ ପୋଛୁ ଲୋକଟି ଉତ୍ତର ଦେଲା – ଗଲ, ମୁଁ ବାଃ ବଡାଇ ଦେବ ।

ସେମାନେ ସାଥି ହୋଇ ଖୋରଧାକୁ ଗଲେ । କୋଟରେ ପଶି ହାକମଙ୍କୁ ସେ ଦାଢ଼ିଆ ଲୋକଟି କହିଲା – ମୁଁ ହେଉଛୁ ଡାପଙ୍ଗ ଦଳବେହେରା । ଆପଣ ଏଇ ଗରିବ ମାଛଧରାଳକୁ ପୁରସ୍କାର ଦଅନ୍ତୁ । ସେ ମୋତେ ଆପଣଙ୍କୁ ଧରାଇ ଦେଇଛୁ ।

ଏହା ଶୁଣି ମାଛଧରାଳ କହିଲା – ଆଜ୍ଞା, ମୋର ଏଇ ପୁରସ୍କାର ଲୋଡା ନାହିଁ । ମୋର ଭୁଲ୍ ହୋଇଛୁ । ମୁଁ ଅପରାଧୀ, ମୋତେ କ୍ଷମା ଦଅନ୍ତୁ ।

ଗୋରା ହାକମ ଦଳବେହେରାଙ୍କ ଏମିତି ଏମିତି ଦୟା ଓ ସହାନୁଭୂତି ଦେଖି ଅବାକ୍ !

ହୋଇଗଲେ । ତାଙ୍କର ମଣିଷ ପଣିଆ ପାଖରେ ସାହେବଙ୍କର ମୁଣ୍ଡ ଆପେ ଆପେ ନଇଁ ପଡ଼ିଲା ।

ଏଇ ମହାପୁରୁଷଙ୍କୁ କୌଣସି ଦଣ୍ଡ ନଦେଇ କେବଳ ନଜର ବନ୍ଦୀ ଘରେ ରଖିବାକୁ କମ୍ପାନୀର କେନ୍ଦ୍ର ଅଫିସ କଲିକତାକୁ ସେ ଲେଖିଥିଲେ । ପରେ ତାଙ୍କୁ ଏଇ ଦଣ୍ଡରୁ ମଧ୍ୟ ଛାଡ଼ ଦଆ ଯାଇ ଥିଲା । ୧୮୩୪ ମସିହାରେ ଏହି ବୀର ପୁରୁଷ ସବୁ ଦନ ପାଇଁ ଆଖି ବୁଜିଥିଲେ ।

ଧନ୍ୟ ମାଧବ ଚନ୍ଦ୍ର ! ଧନ୍ୟ ତାପଙ୍କର ଦଳବେହେର !! ଧନ୍ୟ ତୁମର ମାଟି ମାଆ ପ୍ରତି ମମତା !!! ଧନ୍ୟ ତୁମର ଦୟା ଆଉ ତ୍ୟାଗ !!!!

3



ଜପ୍ରୋହୀ ବୀର ସୁରେନ୍ଦ୍ର ସାଏ

ମଧ୍ୟପ୍ରଦେଶର ଘନ ଜଙ୍ଗଲ ଭିତରେ ଅସୁରଗଡ଼ ଦୁର୍ଗ । ତାର ଗୋଟିଏ କୋଠରୀରେ ବନ୍ଦୀ ଆଉ ପୀଡ଼ିତ ବୀର ସୁରେନ୍ଦ୍ର ସାଏ । କାହିଁକି ସେ ବନ୍ଦୀ ? ସେ ଗ୍ଭେର ଉକାୟୁତ କର ନାହାନ୍ତି କମ୍ପା କାହାକୁ ମାର ହାଣି ନାହାନ୍ତି ।

ତେବେ ସେ ବୁଢ଼ା ବୟସରେ ନିଜ ଘର ଦ୍ୱାର ଠାରୁ କେତେ ଦୂରରେ ବଣଜଙ୍ଗଲ ଭିତରେ ଉଚ୍ଚା ପାଚେରୀ ଘେରା ଗଡ଼ଖା ଭିତରେ ବନ୍ଦୀ ହୋଇଛନ୍ତି କାହିଁକି ? ପୁଣି ମାସେ କି ବର୍ଷେ ନୁହେଁ । ଏଠାରେ ତାଙ୍କର ଦୀର୍ଘ ୨୦ ବର୍ଷ କଟି ଗଲାଣି । ଯୁବକ ବେଳେ ସେମିତି ଆଉ ଗୋଟିଏ ଦୂର ଦୂରାନ୍ତର ଜେଲ୍‌ରେ ୧୭ ବର୍ଷ କାଳ କଟିଥିଲା । କାହିଁକି ? ତାଙ୍କ ମନରେ ବାରମ୍ବାର ଏହି ପ୍ରଶ୍ନ ଉଠୁଛି !

ଯେଉଁ ଇଂରେଜମାନେ ବଣିକ ଜଣବାକୁ ଆସି ଏଇ ଦେଶରେ ରାଜନୀତି କଲେ, ଆମ୍ଭମାନଙ୍କ ଭିତର ବାଦ ବିବାଦର ସୁଯୋଗ ନେଇ ନିଜର କ୍ଷମତା ବିସ୍ତାର କଲେ ସେମାନେ । ସେମାନେ ହେଲେ ସୁନା ପୁଅ ! ଯେଉଁ ଭାରତୀୟମାନେ ନିଜ ମାଟିରେ ନିଜର ହକ୍ ଅଧିକାର ସାବ୍ୟସ୍ତ କରିବାକୁ ବସିଲେ, ସେମାନେ ହେଲେ ରାଜ-ଦ୍ରୋହୀ ! ଯେଉଁମାନେ ତାଙ୍କର ଗୋଲ୍‌ମି ନକଲେ ସେମାନେ ହେଲେ ଶତ୍ରୁ, ତାଙ୍କର କଣ୍ଟା ! ସେମାନଙ୍କୁ ନେଇ ବନ୍ଦୀ ଶାଳାରେ ଅଟକ ରଖିବା, ସେମାନଙ୍କ ପ୍ରତି ଅପରାଧୀଙ୍କ ପରି

ବ୍ୟବହାର କରିବା ଇଂରେଜମାନଙ୍କର କାମ ହୋଇଛି ।

ଜୀବନ ସାରା ଲଢେଇ କରି, ବହୁ ବାଧା ବିଘ୍ନର ସାମ୍ନା କରି ସୁରେନ୍ଦ୍ର ସାଏ ଆଜି ବନ୍ଦୀ ଖାନାରେ ପଡ଼ୁଛନ୍ତି । ତାଙ୍କର ମନେ ପଡ଼ି ଯାଉଛି ଅତୀତର ସବୁ ଘଟଣା । ସେ ଭାବୁଛନ୍ତି—

ଇଂରେଜମାନେ ସେତେବେଳେ ମାଲଗାଦିରୁ ଉଠି ରାଜଗାଦିରେ ଆସନ ଥାପିଛନ୍ତି । ହାତରେ ସେମାନଙ୍କର ତୁଲାଦଣ୍ଡ ବଦଳରେ ରାଜଦଣ୍ଡ । ସାରା ଦେଶରେ କୁଟି ଜାଲ ବିଛାଇ, ଗୋଳଆ ପାଣିରୁ ମାଛ ଧରିବା ସେମାନଙ୍କର ନୀତି ହୋଇଛି । ନ୍ୟାୟ ଅନ୍ୟାୟ ନମାନି ସେମାନେ ନିଜର ବଳ ବଢାଇବାରେ ଲାଗିପଡ଼ିଛନ୍ତି ।

୧୮୦୯ ମସିହାରେ ସୁରେନ୍ଦ୍ରଙ୍କର ଜନ୍ମ ସମ୍ବଲପୁର ଜିଲ୍ଲାର ଖିଣ୍ଡା ନାମକ ଗ୍ରାମରେ । ସମ୍ବଲପୁରର ରାଜବଂଶ ଛତ୍ରୀ ଚୌହାନ ବଂଶରେ ତାଙ୍କର ଜନ୍ମ । ରାମଙ୍କ ସାଥିରେ ଲକ୍ଷ୍ମଣଙ୍କ ପରି ତାଙ୍କ ସହିତ ସାନ ଭାଇ ଉଦନ୍ତ ସାରା ଜୀବନ

ସବୁ ଦୁଃଖର ଭାଗୀ ହୋଇଥିଲେ । ପିଲାଦିନୁ ସୁରେନ୍ଦ୍ର ଅନ୍ୟାୟର ବିରୋଧ କରୁଥିଲେ । ୧୮୨୭ ମସିହାରେ ସମ୍ବଲପୁରର ରାଜା ମହାରାଜା ସାଏ ପ୍ରାଣତ୍ୟାଗ କଲେ । ତାଙ୍କ ପୁଅ ନଥିବାରୁ ସୁରେନ୍ଦ୍ର ସମ୍ବଲପୁର ରାଜବଂଶର ଉପଯୁକ୍ତ ଦାୟାଦ ଭାବରେ ରାଜଗାଦି ଦାବୀ କଲେ । କିନ୍ତୁ ତାଙ୍କପରି ଜଣଆ ଲୋକ ରାଜା ହେଲେ ସେମାନେ ମନମୁଖୀ ଭାବରେ ଲାଭ ଉଠାଇ ପାରିବେ ନାହିଁ ଭାବି ଇଂରେଜମାନେ ବରପାଲୀର ଜଣେ ବୁଢା ଜମିଦାର ନାରାୟଣ ସିଂହଙ୍କୁ ରାଜଗାଦିରେ ବସାଇଲେ ।

ଏହି କାରଣରୁ ରାଜ୍ୟସାରା ଅଶାନ୍ତି ଖେଳଗଲା । ସମ୍ବଲପୁରର ଗଣ୍ଡ ଓ ବନ୍ଝାଲ ଜମିଦାରମାନେ ସୁରେନ୍ଦ୍ର ସାଏଙ୍କୁ ପ୍ରକୃତ ରାଜା ଭାବରେ ଗ୍ରହଣ କରି ଇଂରେଜଙ୍କ ଏପରି କାମରେ ଛାଡ ଉଠିଲେ । ଅନେକେ ମେଳ କଲେ । ଚଉଦଗରେ ବିଦ୍ରୋହର ନଆଁ ଖେଳଗଲା । ସମସେ ତାଙ୍କୁ ମିଛରେ ଡାକି ଆଣି ନାରାୟଣ ସିଂହ ଇଂରେଜଙ୍କ ଦ୍ୱାରା ଗିରଫ କରାଇଥିଲେ । ଶେଷରେ ୧୮୫୦ ମସିହାରେ ସୁରେନ୍ଦ୍ର ସାଏ ଓ ତାଙ୍କ ସାନଭାଇ ଉଦନ୍ତଙ୍କର

ମିଛ ବଗ୍ଧର ହୋଇ ସେମାନଙ୍କୁ ୧୮ ବର୍ଷ କାଳ ଜେଲ ଦଣ୍ଡ ଦଆଗଲ୍ । ସେମାନଙ୍କୁ ସୁଦୂର ହଜାରିବାଗ ଜେଲକୁ ପଠାଇ ଦଆଗଲ୍ ।

ଇଂରେଜମାନଙ୍କର ଏମିତି ଅନ୍ୟାୟ୍ୟ କାମ ଖାଲି ସମ୍ବଲପୁର ଠାରେ ଅଟକି ନଥିଲ୍ । ସାରା ଦେଶରେ ସେମାନେ ଯେଉଁଠି କେଉଁ ରାଜା ଅପୁଣ୍ଡିକ ହୋଇ ମରୁଥିଲେ, ତାଙ୍କର ରାଜ୍ୟକୁ ନଜେ ଅଧିକାର କରିନେଇ କମ୍ପା ନଜର ବୋଲ୍-କରି କାହାକୁ ରାଜା କରିଇ ସବୁ ସୁବିଧା ହାସଲ କରିବାରେ ରହୁଥିଲେ । ଭାରତୀୟ ସିପେହୀମାନଙ୍କୁ ମଧ୍ୟ ବହୁ ଅନ୍ୟାୟ୍ୟ ହୁକୁମ ଦେଇ ନିଜର କାତ ଭାଇ ଆଉ ଧର୍ମନୀତି ବିରୁଦ୍ଧରେ କାମ କରାଇ ଥିଲେ ।

ଫଳରେ ଉତ୍ତର ଭାରତରେ ମଧ୍ୟ ପ୍ରବଳ ବିଦ୍ରୋହ ଆଉ ଅଶାନ୍ତିର ନଆଁ ଜଳ ଉଠିଲ୍ ୧୮୫୭ ମସିହାରେ । ଏହାକୁ ପ୍ରଥମ ସ୍ୱାଧୀନତା ଆନ୍ଦୋଳନ କହିଲେ ହେଁ ସୁରେନ୍ଦ୍ର ସାଏ ଏହା ପୂର୍ବରୁ ଏହିପରି ଏକ ଲଢ଼େଇ ଆରମ୍ଭ କରି ଦେଇଥିଲେ । ବିଦ୍ରୋହୀମାନେ ହଜାରିବାଗ

ଜେଲକୁ ଭାଙ୍ଗି ସେଠାରେ ବନ୍ଦୀଥିବା ସୁରେନ୍ଦ୍ର ସାଏ ଓ ତାଙ୍କ ସାନଭାଇ ଉଦନ୍ତଙ୍କୁ ଖଲାସ କରି ଦେଲେ । ସେତେବେଳେ ସେଠାରେ ଥିବା ଓଡ଼ିଶା ଗଡଜାତ ଅଞ୍ଚଳର ୩୭ଜଣ ବନ୍ଦୀ ମଧ୍ୟ ଖଲାସ ହୋଇଗଲେ । ସୁରେନ୍ଦ୍ର ସେମାନଙ୍କ ଏକାଠି ବସାଇ ଗୋଟିଏ ସଭାରେ ସ୍ଥିର କଲେ ଯେ— ସମ୍ବଲପୁର ଫେରି ସେମାନେ ବଦ୍ରୋହର ନଆଁ ଜାଳି ଦେବେ ଆଉ ଫିରଙ୍ଗି ଶାସନକୁ ମୂଳପୋଛ କରିଦେବେ ।

ଏହାପରେ ସେମାନେ ସମ୍ବଲପୁର ଚାଲିଲେ ।

ସିଂହପୁର, ଗାଙ୍ଗପୁରର କେତେ ଜଣଜଙ୍ଗଲ, ନଈ, ପାହାଡ଼ ଅତିକ୍ରମ କଲେ । ସୁରେନ୍ଦ୍ର ଓ ଉଦନ୍ତ ସେମାନଙ୍କ ସହିତ ମଧ୍ୟ ଚାଲିଲେ । କଲେ, ବଲେ, କୌଶଳେ ନିଜର ଅଧିକାର ସ୍ଥାବ୍ୟସ୍ତ କରିବାକୁ ସେମାନେ ପଣ କଲେ । ବାଟରେ ମଧ୍ୟ ଅନେକେ ସେମାନଙ୍କ ସହିତ ଯୋଗ ଦେଲେ । ସେମାନେ ସମ୍ବଲପୁର ଠାରେ ପହଞ୍ଚିଲା ମାତ୍ରେ ପ୍ରବଳ ବଦ୍ରୋହ ଜାଗି ଉଠିଲା । ଇଂରେଜ ସରକାର ଏହାକୁ ଦମନ କରିବାକୁ ଲାଗିଗଲେ ।

ଯଦ୍ୟପି ପ୍ରଥମେ ସୁରେନ୍ଦ୍ରଙ୍କୁ ସ୍ୱାଧୀନ ଭାବରେ ରହିବାକୁ ଅନୁମତି ଦିଆଯାଇଥିଲା, ପରେ ନିଜ ଘରୁ ସରକାରଙ୍କ ବିନାନୁମତିରେ କୁଆଡ଼େ ଯିବାକୁ ମନା କରାଗଲା । ତାପରେ ତାଙ୍କୁ ଶୀଘ୍ର ଅନ୍ୟ କେଉଁଠିକୁ ନେଇଯିବାର ଯୋଜନା ହେଉଛି ଶୁଣି ସୁରେନ୍ଦ୍ର ନିଜ ଗାଁକୁ ଲୁଚ ଚୋରଗଲେ ।

ଫିରଙ୍ଗି ସରକାର ବିନା ଯୁଦ୍ଧରେ ତାଙ୍କର ଦାବୀ ମାନି ନେବେ ନାହିଁ. ଜାଣି ସୁରେନ୍ଦ୍ର ଆନ୍ଦୋଳନ ଆରମ୍ଭ କରିଦେଲେ । ବହୁ ପଡୋଶୀ ଜମିଦାର ଓ ଗଡଜାତ ରାଜା ତାଙ୍କୁ ମଧ୍ୟ ଗୁପ୍ତ ଭାବରେ ସାହାଯ୍ୟ କଲେ । କୋହଲ, କନ୍ଧ ଓ ଗଣ୍ଡ ଜାତିର ଆଦିବାସୀମାନେ ସୁରେନ୍ଦ୍ରଙ୍କ ଦଳରେ ଯୋଗ ଦେଲେ । ବଣ ଜଙ୍ଗଲରେ ଅସ୍ଥାୟୀ ଦୁର୍ଗସବୁ ତିଆରି କରାଗଲା । ବିଦ୍ରୋହୀମାନେ ଦଳ ଦଳ ହୋଇ ସରକାରୀ ଅଫିସ ଉପରେ ଚଢଉ କଲେ । ସରକାରୀ ରାସ୍ତାଘାଟ ଓ ଡାକ ଚଲାଚଲ ବନ୍ଦ କରିଦେଲେ ।

ସୁରେନ୍ଦ୍ର ପ୍ରାୟ ପାଞ୍ଚବର୍ଷ କାଳ ଇଂରେଜ-ମାନଙ୍କ ବିରୁଦ୍ଧରେ ବିଦ୍ରୋହ କଲେ । ଶେଷକୁ ଆ,

ଧନୁଶର ଓ ନଳୀ ବନ୍ଧୁକ ଧର ଢାଙ୍କର ବପ୍ରବୀ-ମାନେ ଆଜିକାଲିର ଚୋପ ବନ୍ଧୁକଧାରୀ ଫିରଙ୍ଗ ଫଉଜ ସାଥିରେ ଅପୂର୍ବ ସାହସର ସହିତ ଲଢେଇ କଲେ । ଇଂରେଜ ସରକାରଙ୍କ ବହୁ ଧନ ଜନ କ୍ଷୟ ହେଲା । କେତେଜଣ ଇଂରେଜ ସେନାପତି ମଧ୍ୟ ସେଥିରେ ପ୍ରାଣତ୍ୟାଗ କଲେ ।

ଜିଲ୍ଲା ସାରା ଗଣ୍ଡଗୋଳ ଅଶାନ୍ତି ଲାଗି ରହିଲା । ଶେଷରେ ସରକାର ବଡ଼ ବ୍ୟସ୍ତ ହୋଇ ଘୋଷଣା କଲେ ଯେ ଯେଉଁମାନେ ବିନା ସର୍ତ୍ତରେ ସର-କାରଙ୍କ ପାଖରେ ଭୁଲ ମାନିଯିବେ, ସେମାନଙ୍କୁ ସରକାର ଦଣ୍ଡ ଦେବେ ନାହିଁ । ଏଣେ ସୁରେନ୍ଦ୍ର ସାଏ ମଧ୍ୟ ଦୁର୍ବଳ ହୋଇ ପଡ଼ିଲେଣି । କେତେ ଦିନ ସେ ବା ଇଂରେଜ ସରକାରଙ୍କ ବିରୁଦ୍ଧରେ ଏମିତି ଦଳେ ବିଶ୍ୱାସୀ ସାଥିଙ୍କୁ ଧର ଲଢେଇ କରିବେ ? ଫିରିଙ୍ଗି ଶାସନର ଅଗିରୁଜା ଅତ୍ୟା-ଚାରରେ ଲୋକମାନେ ମଧ୍ୟ ବଡ ହନ୍ତସନ୍ତ ହେଲେଣି । ସେମାନଙ୍କର ଧନ ଜନ ବଳ ଲୋପ ପାଇଲାଣି ।

ଲୋକମାନଙ୍କର ଦୁଃଖ ଦୁର୍ଦ୍ଦଶା ଦେଖି ସୁରେନ୍ଦ୍ରଙ୍କର ମନ ଦବିଗଲା । ସେ ୧୮୬୨

ମସିହାରେ ଇଂରେଜ ସରକାରଙ୍କୁ କଣାଇ ଦେଲେ ଯେ— ସେ ଆଉ ବଦ୍ରୋହ କରିବେ ନାହିଁ । ସରକାର ତେଣୁ କୌଣସି ଦଣ୍ଡ ନଦେଇ ତାଙ୍କ ଚଳବା ପାଇଁ କିଛି ବୃତ୍ତି ଖଞ୍ଜି ଦେଲେ । ଲୋକ-ମାନେ ଶାନ୍ତରେ ଟିକେ ନିଶ୍ୱାସ ମାରିଲେ ।

କନ୍ତୁ ବପ୍ଳବୀ ଜୀବନରେ କେତେବେଳେ ଶାନ୍ତି ନଥାଏ । ୧୮୬୩ ମସିହାରେ ଇଂରେଜ ସରକାର ସମ୍ବଲପୁର ଜିଲ୍ଲାକୁ ଓଡ଼ିଶାରୁ କାଢ଼ି-ନେଇ ମଧ୍ୟପ୍ରଦେଶ ସାଥିରେ ଯୋଡ଼ଦେଲେ । ଏଥିରେ ଲୋକମାନେ ଜ ଅସନ୍ତୁଷ୍ଟ ହେଲେ । ସୁରେନ୍ଦ୍ର ସାଏ କନ୍ତୁ ଖୁବ୍ ଉତ୍ତେଜିତ ହୋଇ-ପଡ଼ିଲେ । ସରକାରୀ ଆଦେଶ ବରୁଦ୍ଧରେ ଲୋକ-ମାନେ ବଦ୍ରୋହ କଲେ । ଚାରିଆଡେ ଅଶାନ୍ତର ନଆଁ ଖେଳଗଲା । ସରକାର ସୁରେନ୍ଦ୍ରଙ୍କୁ ଅନ୍ୟ ବଦ୍ରୋହୀ ନେତାମାନଙ୍କ ସହିତ ଗିରଫ କଲେ ।

ରାଜଦ୍ରୋହ ଅପରାଧ ପାଇଁ ସେମାନଙ୍କର ବିଚାର ହେଲା । ସୁରେନ୍ଦ୍ର ସାଏ ବନା ଦୋଷରେ ଖଲାସ ହେଲେ । କନ୍ତୁ ତାଙ୍କୁ ଆଉ ଜେଲ୍ ବାହାରେ ଛାଡ଼ବାକୁ ସରକାର ସାହସ କଲେ

ନାହିଁ । ତାଙ୍କ ସହିତ ସାନଭାଇ ଉଦନ୍ତଙ୍କୁ ମଧ୍ୟ-ପ୍ରଦେଶ ରାୟପୁର ଜେଲ୍‌ରେ ଅଟକ କରି ରଖା ଗଲା । ହାୟ, ଉଦନ୍ତ ସେଠାରେ ତାଙ୍କୁ ସବୁଦିନ ପାଇଁ ଛାଡ଼ି ପର ପାରକୁ ଚାଲିଗଲେ ।

ଏବେ ସେ ସେହି ଅସୁରଗଡର ଦୁର୍ଗ ମଧ୍ୟରେ ଏକା ରହି ଜୀର୍ଣ୍ଣଶୀର୍ଣ୍ଣ । ଅତୀତର ହତାଶ ନିରାଶ କରି ସେ ହତାଶ ଆଉ ଭବିଷ୍ୟତର ସ୍ୱପ୍ନରେ ବିଭୋର ! କିନ୍ତୁ ସେ ସ୍ୱାଧୀନତାର ସ୍ୱପ୍ନ ତାଙ୍କ ଜୀବନ କାଳରେ ସତ ହୋଇ ପାରିଲା ନାହିଁ । ଅବଶେଷ ରହିଗଲା ।

ଯେଉଁ ଶୀଣୁଆ ଦେହ ମନକୁ ନେଇ ସେ ଇଂରେଜ ସିଂହ ବରୁଦ୍ଧରେ ଲଢେଇ କରୁଥିଲେ, ତାହା ସବୁ ଅବଶ ହୋଇ ଗଲାଣି । ବୁଢ଼ା ଦେହକୁ ରୋଗର ଆକ୍ରମଣ ! ଇଂରେଜ ଡାକ୍ତର କୋଲସ ତାଙ୍କର ଚିକିତ୍ସା କରୁଛନ୍ତି । ସେ ଥରେ ଥରେ ସୁରେନ୍ଦ୍ରଙ୍କ ସହିତ ଦୁଃଖ ସୁଖ ହୁଅନ୍ତି । ଫିରଙ୍ଗି ବେପାରୀ ଦଳ ବଣିଜ କାରବାରର ଆଡ଼ୁଆଲରେ ସରଳ ଦେଶବାସୀ ଭାଇମାନଙ୍କୁ ଠକି ଯେମିତି ରାଜ୍ୟ ବିସ୍ତାର କଲେ, ଜଜେ

ସମ୍ବଲପୁର ରଜା ହୋଇସୁଦ୍ଧା ତାଙ୍କୁ ରାଜଦ୍ରୋହୀ ବୋଲି ସେମାନେ କହି ଯେମିତି ବନ୍ଦୀ ଘରେ ଜୀବନର ଅଧିକାଂଶ ବର୍ଷ କାଟିବାକୁ ଅନ୍ୟାୟ ଆଦେଶ ଦେଲେ, ଡାକ୍ତରଙ୍କୁ କହି ସେ ଦୀର୍ଘ ନିଶ୍ୱାସ ପକାନ୍ତି । ଡାକ୍ତର କୋଇସ ଏହା ଶୁଣି ମନରେ ଦୁଃଖ କରନ୍ତି ଆଉ ବାହାରେ ମଧ୍ୟ ସହାନୁଭୂତି ପ୍ରକାଶ କରନ୍ତି ।

ଥରେ ସେ ଏମିତି କହୁ କହୁ ଖୁବ୍ ଉତ୍ତେଜିତ ହୋଇ ପଡ଼ିଲେ ଆଉ ପ୍ରଳାପ କରି ଉଠିଲେ— ହେ ମା ସମଲେଇ । ହେ ମୋ ପ୍ରାଣଠାରୁ ଅଧିକ ପ୍ରିୟ ଜନ୍ମଭୂମି ! ଆଜି ମୁଁ ତୋ ଠାରୁ କାହିଁ କେତେ ଦୂରରେ ! ତୋର ସେବା କରିବାକୁ ମୋର ଆଉ ବଳ ବଅସ ନାହିଁ । ତୋତେ ସ୍ୱାଧୀନ କରି ପାରିଲି ନାହିଁ । ଶେଷଥର ପାଇଁ ମୁଁ ତୋତେ ଆଉ ଆଖି ପୂରାଇ ଦେଖି ପାରିଲି ନାହିଁ ! ହଉ, ମା ସମଲେଇ ! ତୋ ଇଚ୍ଛା !

ସୁରେନ୍ଦ୍ରଙ୍କର କଣ୍ଠରୁଦ୍ଧ ହୋଇ ଆସିଲ୍ । ତାଙ୍କର ମୁହଁ ଉଜ୍ଜ୍ୱଳ ଉଠିଲ୍ । ତା ପରେ ସବୁ ଶେଷ । ସବୁ ଦିନ ପାଇଁ ସେ ଆଖି ବୁଜି ଦେଲେ । ଡାକ୍ତର ପାଖକୁ ଆସି ଦେଖିଲେ, ତାଙ୍କର କଡ

ଦେହଟି ପଡ଼ ରହିଛି । ପ୍ରାଣ ପକ୍ଷୀଟି ପଞ୍ଜୁରୀଟିରୁ ଉଡ଼ ଯାଇଛି । ଅସୁରଗଣର ମେଘନାଦ ପାଚରୀ ତାକୁ ଅଟକାଇ ପାର ନାହିଁ ।

ବୀର ସୁରେନ୍ଦ୍ର ସାଏ ଗୁଲଗଲେ ସିନା, ସ୍ୱାଧୀନ ଦେଶବାସୀମାନେ ତାଙ୍କୁ ଭୁଲ ପାରବେ ନାହିଁ । ସବୁ ଦିନ ପାଇଁ ସେ ଅମର ହୋଇ ରହିବେ ।



4



ବାଘାପଡ଼ୀଜଙ୍କ ଜନ୍ମଦାଇ

ବାଲେଶ୍ୱର ଜିଲ୍ଲାର ଚଷାଖଣ୍ଡ ଗ୍ରାମ । ତା ପାଖରେ ଗୋଟିଏ ଛୋଟ ପାହାଡ । ବୁଦୁନ୍ବୁଦୁକଆ ଜଙ୍ଗଲ । ପାଖରେ ବୁଢାବଳଙ ନଦୀଟି ବହି ଯାଉଛୁ । ମାଟି ମାଆର ସ୍ୱାଧୀନତା ପାଇଁ ଦଳେ ଯୁବକ ଜୀବନକୁ ପାଣି ଛଡ଼ାଇ ଦେଇଛନ୍ତି ।

ଇଂରେଜଙ୍କୁ ଦରଆ ପାର କରିବା କମ୍ବା ସେମାନଙ୍କର ମୂଳପୋଛ କରିବା ପାଇଁ ସେମାନେ ଲାଗି ପଡ଼ିଛନ୍ତି । ମର ଅବା ମାର— ସେମାନଙ୍କର ବ୍ରତ ହୋଇଛି ।

ମୟୂରଭଞ୍ଜର କପ୍ତିପଦା ଜଙ୍ଗଲରୁ ଆସି ଚଷାଖଣ୍ଡ ଗାଁ ପାଖରେ ସେମାନେ ଗୁମ୍ଫା ଭିତରେ ଛପି ରହିଛନ୍ତି । ସୁଯୋଗକୁ ଛକ ରହିଛନ୍ତି । ମଉକା ଦେଖି ଇଂରେଜଙ୍କ ଉପରେ ଚଢ଼ଉ କରିବା ପାଇଁ ସଜ ହେଉଛନ୍ତି ।

ଏହି ସମୟରେ ହଠାତ୍ ଦୂରରୁ ବଗୁଲ୍ ଶବ୍ଦ ଶୁଣାଗଲା । ବନ୍ଧୁକ ଧରି ଯୁବକ ଦଳ ସଜ ହୋଇଗଲେ । ସେମାନଙ୍କର ନେତା ଯତ୍ତୀନ୍ଦ୍ର ପାହାଡ଼ ଉପରକୁ ଚଢ଼ି ଇଂରେଜ ସିପେହିମାନଙ୍କ ଗତିବିଧି ଲକ୍ଷ୍ୟ କଲେ । ନଜେ ବନ୍ଧୁକ ସଜ କରି ଉଠାଇ ଧରିଲେ । ଇଂରେଜ ଫଉଜଙ୍କୁ ପାଖେଇ ଆସିବାର ଦେଖି ପାଟି କରି ଉଠିଲେ— ଚଲାଅ ବନ୍ଧୁକ, ଚଲାଅ ··· ବନ୍ଦେ ମାତରମ୍ ।

ଏକ ସମୟରେ ବନ୍ଧୁକ ଗର୍ଜି ଉଠିଲା । ଗୁଡୁମ୍, ଗୁଡୁମ୍, ଗୁଡୁମ୍ । ଗୋଟିଏ ସିପେହି ଚଳ

ପଡ଼ିଲା । ଇଂରେଜ ଫଉଜ ମଧ୍ୟ ଗୁଳିବର୍ଷା ଆରମ୍ଭ କରିଦେଲେ । ସେଇ ଗୁଳିମାଡରେ ଶତ୍ରୁଜିତ୍ ନାମକ କଣେ ଯୁବକ ଝଲ ପଡ଼ିଲେ । ବୀରେନ୍ଦ୍ର ଓ ଜ୍ୟୋତିଷ ଆଉ ଦୁଇଜଣ ଯୁବକ ଆହତ ହେଲେ । ଯତୀନ୍ଦ୍ରଙ୍କ ଡାହାଣ ହାତରେ ଗୁଳି ବାଜି ଅଚଳ ହୋଇଗଲା । ତଥାପି ବାଁ ହାତରେ ସେ ବନ୍ଧୁକ ଚଲାଇଲେ ।

ସିପେହି ଦଳର ନେତା ଏସ୍. ପି. ଟେଗାର୍ଟ ସାହେବ ହୁକୁମ ଦେଲେ – ବନ୍ଦୀ କର । ସିପେହି-ମାନେ ଘେରି ଯାଇ ଯତୀନ୍ଦ୍ର ଆଉ ତାଙ୍କ ସାଥିମାନଙ୍କ ହାତରେ ଶିକୁଳି ପିନ୍ଧାଇ ଦେଲେ । ସେମାନଙ୍କୁ ଧରି ସେମାନେ ଚାଲିଲେ ।

ବାଲେଶ୍ୱର ଡାକ୍ତରଖାନାରେ ବହୁ ସମୟ ଧରି ଯତୀନ୍ଦ୍ର ଅଚେତ ଅବସ୍ଥାରେ ପଡ଼ି ରହିଲେ । ପେଟ ତାଙ୍କର ଅପରେସନ ହୋଇ ଗୁଳି କେତୋଟି ବାହାର କରାଗଲା । ତାଙ୍କ ଦେହ ସାରା ଖଣ୍ଡିଆ ଖାବରା ହୋଇଥିଲା । କନା ପଟିରେ ସେହି ସବୁ କ୍ଷତ ସ୍ଥାନଗୁଡ଼ିକ ବନ୍ଧା ହେଲା ।

କ୍ରମେ ପର୍ତ୍ତୀଦ୍ରଙ୍କ ଚେତା ଫେର ଆସିଲ୍ । ଦେହର ପଞ୍ଜିଗୁଡ଼ିକ ଉପରେ ଆଖି ପଡ଼ିବାରୁ ସେ ମୁହଁ ଶୁଖାଇ ଦେଲେ । ସେ ଡାକ୍ତରଖାନାରେ ପଡ଼ିଛନ୍ତି ଜାଣି ମନ ବଷେଇ ଉଠିଲ୍ । ସେ ଦାନ୍ତ-ଭିଡ଼ି ପାଟିକରି ଉଠିଲେ— ମୁଁ ଶେଷ ରକ୍ତବିନ୍ଦୁ ଦେଇ ମାଟି ମାଆର ମୁକ୍ତି ଲଗି ଲଢ଼େଇ କରିବି ବୋଲି ପଣ କରିଥିଲି । ଏବେ ବନ୍ଦୀ ହୋଇ ଆସିଛି ଡାକ୍ତରଖାନାରେ ଭଲ ହେବି ବୋଲି ? ହାଃ ହାଃ ହାଃ ।

ସେ ସାଙ୍ଗେ ସାଙ୍ଗେ ଡାଙ୍ଗ ଦେହର ପଞ୍ଜିଗୁଡ଼ିକ ଭିଡ଼ି ଛିଣ୍ଡାଇ ଦେଲେ । ସାରା ଦେହର କ୍ଷତସ୍ଥାନ ଗୁଡ଼ିକରୁ ରକ୍ତର ଝରଣା ଛୁଟିଲ୍ । ସେ ରାଗରେ କହି ଉଠିଲେ— ଷ୍ଟେଗାର୍ଟ, ତୁମେ ଭାବିଥିଲ ଆମଙ୍କୁ ଫାସି ଖୁଣ୍ଟରେ ଝୁଲାଇ ବାହାଦୁରୀ ଦେଖାଇବ । ଆମ ଆନ୍ଦୋଳନକୁ ଦବାଇ ଦେଇ ଇଂରେଜ ଶାସନକୁ ମଜବୁତ୍ କରିବ । କିନ୍ତୁ ମନେରଖ ଷ୍ଟେଗାର୍ଟ, ଆମ ଭିତରୁ ଗୋଟିଏ ମଲେ, କୋଟିଏ ବୀର ସନ୍ତାନ ତୁମ ବିରୁଦ୍ଧରେ ଲଢେଇ କରିବାକୁ ବାହାର ପଡ଼ିବେ ।

ଡାକ୍ତର ଓ ଟେଗାର୍ଟ ସାହେବ ଧାଇଁ ଆସିଲେ । କନ୍ତୁ ସେତେବେଳକୁ ଘର ସାରା ରକ୍ତର ସୁଅ ଛୁଟୁଛି । ଯେତେ ଚେଷ୍ଟା କଲେ ବି ରକ୍ତର ଧାର ବନ୍ଦ ହେଉନାହିଁ । ଶେଷରେ ଯତୀନ୍ଦ୍ର କହିଉଠିଲେ- ତୁମ ଚେଷ୍ଟା ବନ୍ଦକର ଡାକ୍ତରବାବୁ । ଏଇ ଦେହର ସବୁ ରକ୍ତ ଶେଷ ବନ୍ଦୁଯାଏ ବହିଯିବାକୁ ଦଅ । ମୁଁ ହସି ହସି ମାଟି ମାଆ ପାଇଁ ଜୀବନ ଢାଳଦେଉଛି । ଏହା ସମସ୍ତେ କାଣ ଆଉ ନଜ ଆଖିରେ ଦେଖ । ବନ୍ଦେ ମାତରମ୍ । ବନ୍ଦେ···

ଏତକ କହି ତାଙ୍କର ସ୍ୱର କ୍ଷୀଣ ହୋଇ ଆସିଲା । ସେ ସବୁଦିନ ପାଇଁ ତାଙ୍କ ପ୍ରାଣପ୍ରିୟ ମାଟି ମାଆ କୋଳରୁ ବିଦାୟ ନେଲେ । ଡାକ୍ତର ଓ ଟେଗାର୍ଟ ସାହେବ ବିଦେଶୀ ହେଲେବି ଯତୀନ୍ଦ୍ର-ଙ୍କର ଅପୂର୍ବ ସାହସ ଆଉ ଦେଶମାଆ ପାଇଁ ଅତୁଟ ମମତା ପାଖରେ ମୁଣ୍ଡ ନୁଆଁଇଲେ । ନଜ ମୁଣ୍ଡରୁ ଟୋପି କାଢ଼ି ସେମାନେ ଯତୀନ୍ଦ୍ରଙ୍କୁ ଶେଷ ସମ୍ମାନ ଜଣାଇଲେ ।

ଏଇ ଯତୀନ୍ଦ୍ର କଏ ? ତାଙ୍କର ପୂରା ନାଁ। ଯତୀନ୍ଦ୍ର-ନାଥ ବାନାର୍ଜୀ।ସେ ୧୮୭୮ ମସିହା ଡ଼ିସେମ୍ବର ୮

ତାଙ୍କ ଜନ୍ମ ବଙ୍ଗଳାର କୁଷ୍ଟିଆ ଜିଲ୍ଲାର ପଦ୍ମା ଗ୍ରାମରେ ମାମୁଁଘରେ ଜନ୍ମ ହୋଇଥିଲେ । ତାଙ୍କୁ ଯେତେବେଳେ ମାତ୍ର ପାଞ୍ଚବର୍ଷ ହୋଇଥିଲା, ପିତା ଉମେଶଚନ୍ଦ୍ର ମୁଖର୍ଜୀ ଶେଷ ନଃଶ୍ୱାସ ଛାଡ଼ିଥିଲେ । ଯେତେବେଳେ ଯତୀନ୍ଦ୍ରଙ୍କ ବୟସ ୨୭ ବର୍ଷ ପଦ୍ମା ଗ୍ରାମ ନଜକଟରେ ବାଘର ଘୋର ଉପଦ୍ରବ ହେଲା । ଥରେ ସେ ହାତରେ ଭୁକାଳଟିଏ ଧର ଜଙ୍ଗଲକୁ ଯାଇଥିଲେ । ବଣ ଭିତରେ ବାଘ ହଠାତ୍ ଯତୀନ୍ଦ୍ରଙ୍କୁ ଆକ୍ରମଣ କଲା । ସେ ବାଘ ବେକକୁ ନଜ ବାମ ବାହୁରେ ଚପିଧରିଲେ । ତା ମଥାରେ ଭୁକାଳ ମାର ସେ ବାଘଟିକୁ ମାରଦେଲେ ।

କନ୍ତୁ ବାଘ ସାଥିରେ ତାଙ୍କର ଯେଉଁ ଲଢେଇ ହୋଇଥିଲା, ସେଥିରେ ତାଙ୍କର ଆଣ୍ଠୁ କଖମ ହୋଇଥିଲା । ଏକ ବଡ଼ ଅପରେସନ କରି ତାଙ୍କୁ ଆରୋଗ୍ୟ କରାଯାଇଥିଲା । ସେହିଦିନ ଠାରୁ ତାଙ୍କୁ ଲୋକେ "ବାଘା ଯତୀନ୍" ବୋଲି ଡାକିଲେ ।

କିଛିଦିନ ପରେ ସେ କଲିକତାରୁ ଦାର୍ଜିଲିଂ ଟ୍ରେନ୍‌ରେ ଯାଉଥିଲେ । ତାଙ୍କର ଡବାରେ ଜଣେ ମହିଳା ଖୁବ୍ ଅସୁସ୍ଥ ହୋଇପଡ଼ିଲେ । ସେ ପାଣି

ପିଇବା ପାଇଁ ଗୃହଁବାରୁ ଯତ୍ତୀନ୍ଦ୍ର ସିଲଗୁଡ଼ି ଷ୍ଟେସନରେ ଗାଡ଼ି ରହିବା ମାତ୍ରେ ଓହ୍ଲାଇ ପଡ଼ିଲେ । ଏକ ଗ୍ଲାସ୍ ପାଣି ଧରି ସେ ଫେରିବା ବେଳେ କଣେ ଗୋରା ସୈନିକ ଧକ୍କା ଦେଇ ଗ୍ଲାସଟିକୁ ଉଙ୍ଗି ଦେଲେ । ଯତ୍ତୀନ୍ଦ୍ର ଏହାର ଦୃଢ଼ ପ୍ରତିବାଦ କରିବାରୁ ଗୃରକଣ ଗୋରା ସୈନ୍ୟ ତାଙ୍କୁ ଚଢ଼ାଉ କଲେ । ମାତ୍ର ଯତ୍ତୀନ୍ଦ୍ର କ'ଣ ସେଥିରେ ଦବିଯିବା ଲୋକ ?

ସେ ଏକୁଟିଆ ଗୃରକଣ ଗୋରା ସୈନ୍ୟଙ୍କୁ ଭୂଷି ମାରି ମାରି ମାଟି ଉପରେ ପକାଇ ଦେଲେ । ସେମାନେ ଏଥିଯାଇଁ ମକଦ୍ଦମା କଲେ । ପତ୍ର ପତ୍ରିକାରେ ଏଇ ଖବର ବାହାରିଲା । କିନ୍ତୁ କଣେ ସାଧାରଣ ଭାରତୀୟ ଯୁବକ ଗୃରକଣ ଗୋରା ସୈନ୍ୟଙ୍କୁ କାବୁ କରିଦେବା ସେମାନଙ୍କ ପକ୍ଷେ ଅପମାନର କଥା । ତେଣୁ ସରକାରଙ୍କ ତରଫରୁ ମୋକଦ୍ଦମାଟି ଉଠାଇ ନିଆଗଲା ।

ସେତେବେଳେ ଭାରତକୁ ସ୍ୱାଧୀନ କରିବା ପାଇଁ ଗୃରିଆଡ଼େ ବପ୍ଲବର ନିଆଁ ହୁଡୁ ହୁଡୁ ହୋଇ ଜଳଉଠିଲା । ସେମାନେ ସଭା ସମିତି କରି

ଲୋକମାନଙ୍କୁ ମଡାଇଲେ ଆଉ ଉଡାଇଲେ । ଲୁଣ ଛପି ଗୋରା ଅଫିସର ଆଉ ଗୋରା ପଉଜଙ୍କ ଉପରେ ଆକ୍ରମଣ କଲେ । ଏଇ ବପ୍ଲବୀମାନଙ୍କର ନେତା ଶ୍ରୀ ଅରବିନ୍ଦ ଯତୀନ୍ଦ୍ରଙ୍କ ଉପରେ ଖୁବ୍ ଖୁସି ହେଲେ ।

ଏହି ସମୟରେ ଜର୍ମାନୀରୁ ଗୋରାରେ ହାତ ହତିଆର ଆସିବାର ବ୍ୟବସ୍ଥା ହେଲା । ଭାରତ ସାରା ଗୋଟିଏ ଭୟଙ୍କର ବିଦ୍ରୋହ ଚଳାଇବାର ସବୁପ୍ରକାର ଆୟୋଜନ ଚାଲିଲା । ଯତୀନ୍ଦ୍ରନାଥଙ୍କ ନେତୃତ୍ୱରେ ନରେନ୍, ମନୋରଞ୍ଜନ, ଜ୍ୟୋତିଷ ପ୍ରଭୃତି ବୀର ଯୁବକମାନେ ଜର୍ମାନୀ ଜାହାଜରେ ଆସୁଥିବା ଗୋରା ହାତ ହତିଆର ସବୁ ସଂଗ୍ରହ କରିବାର ଦାୟିତ୍ୱ ନେଲେ । ମୟୁରଭଞ୍ଜ ଜିଲ୍ଲାର କପ୍ତିପଦାର ମହୁଲଡ଼ିବା ଗ୍ରାମରେ ଏକ ଆଶ୍ରମ କରି ସେମାନେ ସାଧୁ ବେଶରେ ରହିଲେ । ଗ୍ରାମ-ବାସୀମାନଙ୍କୁ ଘରେ ପାଠ ପଢାଇବା, ରୋଗ ଚିକିତ୍ସା କରିବା ଆଦି ହେବା କାର୍ଯ୍ୟ ଚାଲିଲା । ବାଲେଶ୍ୱରରେ ଗୋଟିଏ ଦୋକାନ ଖୋଲି ତା ଭିତରେ ବପ୍ଲବୀ ଦଳର ଅଫିସ କାମ ଚାଲିଲା ।

କଲିକତାର ପୋଲିସ ଏଇ ଖବର ପାଇ ସେଇ ଦୋକାନ ଖାନତଲାସ କରି ବହୁ ଗୁପ୍ତ

କାଗଜ ପତ୍ର ପାଇଲେ । କର୍ତ୍ତିପଦା ଯାଇ ବପ୍ଲବୀ ମାନଙ୍କୁ ଧରିବାର ଚେଷ୍ଟା କଲେ । ଏଥିରେ ଦିଲ୍ଲୀର କେନ୍ଦ୍ର ଗୋଇନ୍ଦା ପୋଲିସ, ବାଲେଶ୍ୱରର ଜିଲ୍ଲା ମାଜିଷ୍ଟ୍ରେଟ୍ ଆଉ କଲିକତାର ଗୋରା ଫଉଜ ମିଶି ସଣ୍ଢୁ ଆସି ଆକ୍ରମଣ ଚଳାଇଲେ । କନ୍ତୁ ଯତୀନ୍ଦ୍ର ଏଇ ଖବର ପାଇ ସାଥିମାନଙ୍କୁ ଧରି ବାଲେଶ୍ୱର ଚାଲି ଆସିଲେ ।

ଭାଦ୍ର ମାସ । ଧାନ ବଲ ମଧ୍ୟଦେଇ ସେମାନେ ଚାଲି ଚାଲି ବୁଢ଼ାବଲଙ୍ଗ ନଦୀ କୂଳରେ ପହଞ୍ଚିଲେ । ଗୋଟିଏ ନାଆରେ ନଦୀ ପାର ହୋଇ ସେମାନେ ଆଗେଇ ଚାଲିଲେ । ଯେଉଁ-ମାନେ ସେମାନଙ୍କୁ ଅଟକେଇଲେ, ସେମାନଙ୍କୁ ମାର ଦିଆଗଲା । ଶେଷରେ ସେମାନେ ଚଷାଖଣ୍ଡ ନକଟରେ ଜଙ୍ଗଲ ଘେରା ପାହାଡ଼ ଗୁମ୍ଫାରେ ଲୁଚି ରହିଥିଲେ ।

ଏଠାରେ ବହୁ ସମୟ ଧରି ଯେଉଁ ଖଣ୍ଡ-ଯୁଦ୍ଧ ଚାଲିଥିଲା, ତାହା ପ୍ରଥମରୁ କୁହାଯାଇଛି । ଯତୀନ୍ଦ୍ରନାଥ ସିନା ଡାକ୍ତରଖାନାରେ ସବୁଦିନ ପାଇଁ ଆଖି ବୁଜିଲେ, ତାଙ୍କର ଅନ୍ୟ କେତେଜଣ

ସାଥିଙ୍କୁ ବନ୍ଦୀ କରି ଇଂରେଜ ସରକାର ବର୍ବରର ପ୍ରହସନ କଲେ। ନରେନ୍ ଓ ମନୋରଞ୍ଜନଙ୍କୁ ବାଲେଶ୍ୱରଠାରେ ଫାଶୀ ଦଣ୍ଡ ଦିଆଗଲା । କେତେକ ସାରା ଜୀବନ ପାଇଁ କଳାପାଣି ପାର ହେଲେ ଆଉ କେତେକ ଜେଲ୍ ଭିତରେ ଅସୁସ୍ଥ ହୋଇ ମୃତ୍ୟୁ ମୁଖରେ ପଡ଼ିଲେ।

ଏହି ସାହସୀ ଯୁବକମାନଙ୍କର ବଳିଦାନ ଏ ଜାତି ଭୁଲି ପାରିବ ନାହିଁ। ସେମାନଙ୍କ ରକ୍ତରେ ଯେଉଁ ଚଷାଖଣ୍ଡ ଗ୍ରାମ ଓଦା ହୋଇଥିଲା, ତାକୁ ଏବେ ରକ୍ତତୀର୍ଥ କୁହାଯାଏ। ସେମାନେ ଏ ଦେଶର ସ୍ୱାଧୀନତା ଲଢ଼େଇର ଆଗୁଆ ସଇନ। ସେମାନଙ୍କ ପବନ୍ର ସ୍ମୃତି ନକ୍ଷତ୍ରରେ ଆମେ ଆଜି ମଥା ନୁଆଁଇବା ଆଉ ତାଙ୍କର ଆଦର୍ଶରେ କାର୍ଯ୍ୟ କରି ଏଇ ମାଟି ମାଆକୁ ବଡ଼ କରି ଗଢ଼ିବା।

5

ଅମର ଶହୀଦ୍ ଲକ୍ଷ୍ମଣ ନାୟକ

୧୯୪୨ ମସିହା ଅଗଷ୍ଟ ମାସ । ସେତେବେଳେ ମହାତ୍ମା ଗାନ୍ଧୀଙ୍କ ଡାକରାରେ ସାରା ଦେଶ ଜାଗି ଉଠିଥାଏ । କ ଗାଆଁ କ ସହର ସବୁଠାରେ ଅସହଯୋଗ ଆନ୍ଦୋଳନର ସୁଅ ବହୁଥାଏ । ଏଇ ଆନ୍ଦୋଳନ ଏକ ନାହିଁ ନଥିବା ସ୍ୱାଧୀନତା

ଲଢେଇ, ଯେଉଁ ନୀତର ତୁଳନା ନାହିଁ । ମିଛ ଓ ହିଂସା ଉପରେ ଗଢ଼ି ଉଠିଥିବା ଫିରଙ୍ଗ ଶାସନ ସାଥିରେ ସତ ଆଉ ଅହିଂସାର ଲଢେଇ । ଏଇ ଲଢେଇରେ ହାତ ହତିଆର ଲେଉଡ଼ା ନାହିଁ । ଟୋପାଏ ଲହୁ ନଗିଡ଼ିବାର କାରଣ ନାହିଁ ।

କୋରପୁଟର ବଣ ପାହାଡ଼ ଭିତରେ ବ ମହାତ୍ମା ଗାନ୍ଧୀଙ୍କ ଡାକରା ନୂଆ ଉତ୍ସାହ ସୃଷ୍ଟି କରିଥିଲା । ଏହାର ଘନ ଜଙ୍ଗଲ ଘେରା ମାଡିଲ ଥାନାରେ ଏଥିପାଇଁ ଅପୂର୍ବ ଆଲୋଡନ । ସେଥି ପାଇଁ ଥାନାର ଜମାଦାର ସିପେହିଙ୍କ ଆଖିରେ ନଦ ନାହିଁ । ସେଦନ ଅଗଷ୍ଟ ମାସର ୨୧ ତାରଖ । ବଡ଼ ଭୋରରୁ ଶହ ଶହ ଲୋକ ଆସି ମାଡିଲ ଥାନା ଆଗ ପଡ଼ିଆରେ ଜମା ହୋଇଛନ୍ତି ।

ତା ପରେ·····

ଥାନା ଆଗରେ ଆନ୍ଦୋଳନ ଚାଲିଲା । ସଭା ହେଲା । ଜାତୀୟ ପତାକା ଉଡାଗଲା । ଜାତୀୟ ପତାକାକୁ ନମସ୍କାର କରି ଲକ୍ଷ୍ମଣ ନାୟକ ଘୋଷଣା କଲେ – ଭାଇମାନେ, ସମସ୍ତେ ନଜ ନଜର ବାଁ

ଗୋଡ ଆଗକୁ ବଢାଅ । ତାଙ୍କ କଥା ଶୁଣି ସମସ୍ତେ ନିଜ ନିଜ ବାଁ ଗୋଡ଼କୁ ଆଗକୁ ବଢ଼ାଇଲେ ।

ଏହାପରେ ସେ କହିଲେ - ଶୁଣ ଭାଇମାନେ, ଏଇ ଯେଉଁ ଗୋଡକୁ ଆଗକୁ ବଢାଇଛ, ତାକୁ ଯେମିତି ଆଉ ପଛାଇ ନେବ ନାହିଁ । ଆମ ଦେଶରୁ ଇଂରେଜମାନେ ହଟି ନଯିବା ଯାଏ, ଆମର ଯାତ୍ରା, ଆମର ଅଭିଯାନ ସେମିତି ଚାଲୁ ରହିବ । ଏଥିପାଇଁ ଆମର ସାହସ ଦରକାର । ଧୈର୍ଯ୍ୟ ଦରକାର ।

ଏହା କହି ଲକ୍ଷ୍ମଣ ଦେଖିଲେ ଥାନା ଆଗ ପଡ଼ିଆରେ ଲୋକପୂର୍ଣ୍ଣ । ଏ ମୁଣ୍ଡରୁ ଥାଳ ମାରି ଦେଲେ ସେ ମୁଣ୍ଡକୁ ଥାଳ ଚାଲିଯିବ । ଅଧିକାଂଶ ଲୋକ ଗରୀବ, ଆଦିବାସୀ ଆଉ ହରିଜନ । କଣେ ହେଲେ କେହି ଘୁଞ୍ଚିବାର ଦେଖାଗଲା ନାହିଁ । ଗୋଟିଏ ଧାଡ଼ିରେ ଲୋକମାନେ ଶୋଇ ଯାତ୍ରାରେ ଚାଲିଲେ । ଲକ୍ଷ୍ମଣ ଘୋଷଣା କଲେ - ଭାଇମାନେ, ଏଇ ଥାନା ଉପରେ ଆମେ ଜାତୀୟ ପତାକା ଉଡ଼ାଇବା । ଥାନା ଆଗରେ ସତ୍ୟାଗ୍ରହ କରିବା, ଭୋକ ଉପାସରେ ବସିବା । ପୋଲିସ

ଆମ ଉପରେ ଲାଠି ଚଳାଇ ପାରେ । କନ୍ତୁ ଆମେ ସବୁ ସହ୍ୟବା । କେହି ଉଁ ଚୁଁ ହେବାନାହିଁ । ପୋଲସ ସାଥିରେ ଗଣ୍ଡଗୋଳ କରିବା ନାହିଁ । ଗାନ୍ଧୀ ବୁଢାର କଥାକୁ ଅକ୍ଷରେ ଅକ୍ଷରେ ପାଳବା । କିଏ ଡଳେ ଦକାଇ ଦେବା ନାହିଁ ।

ଏଇ ଲକ୍ଷ୍ମଣ କିଏ ଜାଣନ୍ତ ? ରାମାୟଣର ରାମ ଚନ୍ଦ୍ରଙ୍କ ଭାଇ ଲକ୍ଷ୍ମଣ ନୁହନ୍ତ । ସେ ହେଉଛନ୍ତ ଅନୁନ୍ନତ କୋରପୁଟ କିଲ୍ଲାର ଗୋଟିଏ ଅର୍ଗନ୍ଧିତ କର୍ମୀ । ଡେନ୍ତୁଳଗୁମା ଗାଁରେ ଭାଙ୍ଗର କନ୍ତ । ସେଇ ଗାର ଚାରିପଟେ ବଣ ପାହାଡ, ଛୋଟବଡ କେତେ ଝରଣା । କେଲ୍ପ ନଦୀଟି ମଧ୍ୟ ସେଇ ଗାଁ ପାଖରେ ବହିଯାଉଛି । ସେତେବେଳେ ରାତିରେ କାଁଣ ବନରେ ମଧ୍ୟ ବାଘ ହେଣ୍ଡାଳ ପକାଏ, ଛାତ ଥରିଯାଏ ।

ଫିରଙ୍ଗ ସରକାର ସେତେବେଳେ ଗାଁ ଗଣ୍ଡାରେ ବ ଅତ୍ୟାଚାର ଆରମ୍ଭ କରିଥିଲେ । ପୋଲସଙ୍କ ଦ୍ୱାରା ଗରୀବ ଲୋକଙ୍କ ଉପରେ କୋର କୁଲମ ଚାଲିଥିଲା । ସେମାନଙ୍କ ଉପରେ କେତେ ରକମର କର, ବେଠି ଆଉ ବେଗାର । ଲୋକେ ସିନା

ହନ୍ତସନ୍ତ ହେଉଥିଲେ, ପାଟି ଫିଟାଇବାର ଯୁ ନଥିଲା । ଯେ କରିବ ପାଟି, ସେ ଯିବ ପଡର କାଟି ।

ଲକ୍ଷ୍ମଣ କନ୍ତୁ ଲୋକଙ୍କ ଦୁଃଖ କଷ୍ଟ ଦେଖି ସହ୍ୟ ପାରିଲେ ନାହିଁ । ଲୋକଙ୍କୁ ମେଳ କରି ଗୋରା ସରକାରକୁ ଶିକ୍ଷା ଦେବାକୁ ସେ ଆଗେ ଗୁଣିଆ କାମ ଶିଖିଲେ । ଗଛର ଚେରମୂଳର ଗୁଣ ଜାଣି ଔଷଦ ତଆର କରିବା, ଠାକୁରାଣୀ ପୂଜା କରିବା ପ୍ରଭୃତ ବଦ୍ୟା ଶିଖିଲେ । ରୋଗବୈରାଗରେ ସେ ଆଦିବାସୀଙ୍କୁ ସାହାଯ୍ୟ କଲେ । ଆଉ ବପଦ ଆପଦରେ ସାହା ହେଲେ ।

ଥରେ କୋରାପୁଟର ଘୁମର ଗାଁରେ ଗୋଟିଏ ସଭା ହେଲା । ଶହ ଶହ ଲୋକ ସେ ସଭାକୁ ଆସିଥିଲେ । ଲକ୍ଷ୍ମଣ ମଧ୍ୟ ସେଇ ସଭାରେ ଥାଇ ଶୁଣିଲେ ଯେ, ଅହିଂସା ଉପାୟରେ ବି ଗୋରା ସରକାରକୁ ହଟାଇ ହେବ । ସେଥିପାଇଁ ହାତ-ହତିଆର ଗୋଳା ବନ୍ଧୁକ ଲୋଡ଼ା ନାହିଁ । ଲୋଡ଼ା ଖାଲି ମନର ବଳ, ଲୋକଙ୍କର ମେଳ । ସର-କାରକୁ କେଉଁଥିରେ ସାହାଯ୍ୟ କରିବେ ନାହିଁ ।

ବଦେଶୀ ଦରବ କଣିବେ ନାହିଁ । ଗାନ୍ଧୀଜୁଡ଼ାର ଏଇ ଅହିଂସା ଲଢେଇ କଥା ଲକ୍ଷ୍ମଣଙ୍କର ମନକୁ ଖୁବ୍ ପାଇଲା । ତାଙ୍କ ପରି ଆଉ ଅନେକ ଲୋକ ଯେ ଗୋରାମାନଙ୍କୁ ତଡ଼ି ଦେବାକୁ ଘାବୁ-ଛନ୍ତି, ଏକଥା ତାଙ୍କ ମନରେ ଆଶା ଓ ଆନନ୍ଦ ଭରି ଦେଲା ।

ନୂଆପିଣ୍ଡି ଗାଁରେ ଗୋଟିଏ ଚାଲମ କେନ୍ଦ୍ର ଖୋଲିଲା । ସ୍ୱାଧୀନତା ଲଢେଇ ପାଇଁ କର୍ମୀ-ମାନଙ୍କୁ ତିଆରି କରିବା ଏହାର ଉଦ୍ଦେଶ୍ୟ । ତେଣୁ ଲକ୍ଷ୍ମଣ ସେଥିରେ ଯୋଗ ଦେଲେ । ସେଠାରେ ସେ ଦରକାରୀ ଜିନିଷମାନ ନିଜ ହାତରେ କରି ଶିଖିଲେ । ନେତାମାନଙ୍କ ଭାଷଣ ଶୁଣିଲେ । ସେଠାରୁ ଫେରି ସେ ନିଜ ଘର-ବାରଣ୍ଡାରେ ଗୋଟିଏ ଅରନ୍ଧ ପକାଇ ସୂତା କାଟିଲେ, ଲୁଗା ବୁଣିଲେ । କୁଟି ଖାଅ, କାଟି ପିନ୍ଧ, ଗାନ୍ଧୀଙ୍କର ଏଇ କଥା କାମରେ ଲଗାଇଲେ । ଗାଁ ଗହଳରେ ବୁଲି ଲକ୍ଷ୍ମଣ ଏଇକଥା ସମସ୍ତଙ୍କୁ ବୁଝାଇଲେ । ସବୁଠି ଅରନ୍ଧ ଚାଲିଲା ।

୧୯୪୨ ଅଗଷ୍ଟ ମାସରେ ଅସହଯୋଗ ଆନ୍ଦୋଳନ ଚାଲିଲା । ଯେଉଁ ଲୋକେ ଏଥିରେ

ମିଶିଲେ, ପୋଲିସମାନେ ସେମାନଙ୍କୁ ହଇରାଣ କଲେ । ଜେଲ୍‌କୁ ନେଲେ, ମାଡ ମାରିଲେ । ଲକ୍ଷ୍ମଣ ଡେଣୁ ଗାଁକୁ ଗାଁ ବୁଲି ଲୋକମାନଙ୍କୁ ଜଙ୍ଗଲକୁ ଗୁଲିଯିବା ପାଇଁ ମଡାଇଲେ । ପାହାଡ ଗୁମ୍ଫାରେ ଲୁଚ ରହି ଏଇ ଆନ୍ଦୋଳନ ଚଲାଇବାକୁ କଡାଇଲେ ।

ଥରେ ଲକ୍ଷ୍ମଣ ଠିକ୍ କଲେ ମାଡଲ ଥାନା ଆଗରେ ଆନ୍ଦୋଳନ ଗୁଲିବ । ଥାନା ଉପରେ ତିରଙ୍ଗ ପତାକା ଉଡେଇବେ । ମାଡଲ ଥାନାର ପୋଲିସମାନେ ନଜେ ହୁସିଆର ହେଲେ ଆଉ ସେମାନଙ୍କୁ ସାହାଯ୍ୟ କରିବାକୁ ମାଲକାନ୍ ଗିରିରୁ ବହୁ ସଂଖ୍ୟାରେ ପୋଲିସମାନେ ଆସି ପହଞ୍ଚିଗଲେ । ଲୋକମାନେ ବି ଡା'ଠାରୁ ଅଧିକ ସଂଖ୍ୟାରେ ଜମା ହୋଇଗଲେ । ସବୁର ଆଗରେ ଲକ୍ଷ୍ମଣ ନାୟକ ଲୋକମାନଙ୍କୁ ଶାନ୍ତିରକ୍ଷା କରିବାକୁ କହୁଛନ୍ତି ।

ମାଡଲ ଥାନାର ଦାରୋଗା କମାଦାର ଶହ ଶହ ସଂଖ୍ୟାରେ ଲୋକ ଗହଳ ଦେଖି ଅବାକ୍ । ଏତେ ଲୋକଙ୍କୁ ହଟାଇବା ସହଜ ନୁହେଁ ।

ମାଲକାନ୍ ଗିରୁ ଏଯାଏ ବନ୍ଧୁକଧାରୀ ପୋଲିସ ଆସି ନାହାନ୍ତି । ତେଣୁ ପୋଲିସ ଜମାଦାର ଗୋଟିଏ ବୁଦ୍ଧି ପାଞ୍ଚି କହିଲେ – ଭାଇମାନେ ଦେଖ, ଥାନା ଉପରେ ପତାକା ଉଡାଇ-ବାକୁ କହୁଚ, ମନା ନାହିଁ । ତେବେ ତା ଆଗରୁ ଆଉ ଗୋଟିଏ କଥା କର । ଆଜି ମାଡଲ ହାଟ । ସେଠି ହଜାର ହଜାର ଲୋକ ଜମିଛନ୍ତି । ତୁମେ ସେଠି ସଭାଟିଏ କର ତମ ଆନ୍ଦୋଳନ କଥା କୁହ । ଗାନ୍ଧୀବୁଢା କଥା ସମସ୍ତେ ଜାଣନ୍ତି । ତା ପରେ ଏଠାକୁ ଆସି ଯାହା କରିବ ।

ସରଳ ଲକ୍ଷ୍ମଣ ନାୟକ ଓ ଲୋକମାନଙ୍କ ମନକୁ ପୋଲିସ ଜମାଦାରଙ୍କ କଥା ଘେନଲା । ସେମାନେ ହାଟରେ ସଭା କଲେ । ଏଥି ଭିତରେ ଜମାଦାର ମାଲକାନ୍ ଗିରି ଥାନାକୁ ଖବର ପଠାଇଦେଲେ । ଗାଡ଼ିରେ ବୋଝେଇ ହୋଇ ବହୁ ସିପେହି ସେଠାରେ ଜମା ହୋଇଗଲେ ।

ସଭା ସାରି ଲକ୍ଷ୍ମଣ ଓ ଲୋକମାନେ ଥାନା ଆଗରେ ପହଞ୍ଚିଲା ବେଳକୁ ପୋଲିସମାନେ ଲାଠି ବନ୍ଧୁକ ଧରି ତଆର ହୋଇ ରହିଲେଣି ।

ଜମାଦାର ହୁକୁମ ଦେଲେ— ଅତଶୀଘ୍ର ଏଇ ସ୍ଥାନ ଛାଡ଼ ଚାଲିଯାଅ । ନଚେତ ଜୀବନ ନେଇ ଫେର ପାରିବ ନାହିଁ ।

ଲକ୍ଷ୍ମଣ ଖୁବ୍ ଜୋରରେ ଉତ୍ତର ଦେଲେ— ଆମେ ପଣ କରିଛୁ । ପ୍ରାଣ ଯିବ ସିନା, ଫେରିବୁ ନାହିଁ । ଯେତେବେଳେ ସ୍ୱରାଜ୍ୟ ପାଇଁ ଏ ଗୋଡ଼ ଆଗକୁ ବଢାଇଛୁ ଆଉ ପଛକୁ ହଟିବୁ ନାହିଁ ।

ପୋଲିସମାନେ ଚାଡ ଉଠିଲେ । ଜମାଦାର ଗର୍ଜି ଉଠିଲେ— କ'ଣ ପଣ କରିଚ ? ହଟିବ ନାହିଁ ? ସ୍ୱରାଜ୍ୟ ନବ ? ହଉ ନଅ ।

ଏହା ପରେ ପୋଲିସଙ୍କୁ ଲାଠି ଚଲାଇବାକୁ ହୁକୁମ ଦେଲେ । ଲକ୍ଷ୍ମଣ ସବୁ ସହିଯିବାକୁ କହୁ-ଥାନ୍ତି । ଶହ ଶହ ଲୋକଙ୍କ ମୁଣ୍ଡ ଫାଟିଲା, ହାଡ ଗୋଡ ଭାଙ୍ଗିଲା । ତଥାପି ଲୋକେ ହଟିଲେ ନାହିଁ ।

ପୋଲିସ ଦେଖିଲେ ସବୁ ନାଝର ଗୋବର୍ଦ୍ଧନ ହେଉଛନ୍ତି ଲକ୍ଷ୍ମଣ ! ତାଙ୍କୁ ଜବତ ନକଲେ ହେବ

ନାହିଁ । ପୋଲିସମାନେ ଡାଙ୍କୁ ଥାନା ଭିତରକୁ ଟାଣି ନେଲେ । ଲାଠିରେ ପିଟିଲେ । ଡାଙ୍କ ନଖ ଉପାଡ଼ ଦେଲେ ଆଉ ନଆଁ ଲଗାଇ ଦେଲେ । ମାଡ ଖାଇ ଆଉ କଷ୍ଟ ଭୋଗି ସେ ହାଲିଆ ହୋଇ ପଡ଼ଲେ । ତଥାପି ପାଟିରେ ଡାଙ୍କର ସେଇ ଗାନ୍ଧୀବୁଢ଼ାର କଥା ! ସବୁ ସହିଯାଅ, ହିଂସା କର ନାହିଁ ।

ଲୋକମାନେ ନଜେ ସିନା ଏତେ କଷ୍ଟ ସହୁ-ଥିଲେ । ଲକ୍ଷ୍ମଣଙ୍କ ଉପରେ ଏମିତ ଅତ୍ୟାଚାର ସହି ପାରିଲେ ନାହିଁ । ସେମାନେ ଡାଡ ଉଠିଲେ । ଲୋକମାନଙ୍କ ଭିତରୁ କଣେ ପତାକାଟିଏ ନେଇ ପୋଲିସ ଘର ଭିତରେ ପଶିଗଲା । ଥାନା ଛାତ ଉପରକୁ ଉଠିଲା ମାତ୍ରେ ପୋଲିସ ଗୁଳରେ ସେ ତଳେ କଟୁଡ଼ ହୋଇ ପଡ଼ଗଲା । ଏହାପରେ ସର୍ଗିଗୁଡାର ନକୁଳ ଛାତ ଉପରକୁ ଚଢ଼ିଲା । ସେ ବି ପୋଲିସ ଗୁଳରେ ଟଳ ପଡ଼ଲା । ଏମିତ ଅନେକ ଲୋକ ଥାନା ଉପରେ ତିରଙ୍ଗ ପତାକା ଉଡାଇବାକୁ ଯାଇ ଜୀବନ ଦେଲେ । ସେମାନଙ୍କ ତଡଲା ଲହୁରେ ଥାନା ବାରଣ୍ଡାରୁ ଛାତଯାଏ ଲାଲ ହୋଇଗଲା ।

ଜଣେ ଜଙ୍ଗଲ ଚପରାସୀ ମଦପିଇ ପୋଲିସଙ୍କ ସାଙ୍ଗରେ ଆଖିବୁଜା ଲଠି ଚଲାଇଥିଲା । ତା ନିଜ ମୁଣ୍ଡରେ ତା ଲାଠି ଖୁବ୍ ଜୋରରେ ବାଜିବାରୁ ସେ ଅଚେତା ହୋଇ ତଳେ ପଡ଼ିଗଲା । ପୋଲିସ-ମାନେ ତାଙ୍କ ଭିତରୁ ଜଣଙ୍କର ଏଇ ଅବସ୍ଥା ଦେଖି ଆହୁରି ଖିଗିଗଲେ । ଜଣେ ପୋଲିସ ଆସି ଲକ୍ଷ୍ମଣଙ୍କ ମୁହଁରେ ବନ୍ଧୁକର ସଂଗୀନକୁ ଭୁସିଦେଲା । ତା'ର ମୁହଁସାରା ରକ୍ତରେ କୁଡୁବୁଡୁ ହୋଇଗଲା । ସେ ଅଚେତ ହୋଇ ପଡ଼ିବାରୁ ପୋଲିସ ମରିଗଲା ଭାବ ତା ଗୋଡ଼କୁ ଧରି ଘୋଷାଡ଼ି ଘୋଷାଡ଼ି ଗୋଟିଏ ନାଳରେ ଫିଙ୍ଗି ଦେଲେ । ଆଗରୁ ପୋଲିସ ଗୁଳିରେ ମରିଥିବା ସବୁ ଲୋକଙ୍କ ଶବ ସେଠାରେ ଫିଙ୍ଗା ଯାଇଥିଲା ।

ରାତି ଅଧକୁ ଲକ୍ଷ୍ମଣଙ୍କର ଚେତା ଆସିଲା । ମୁହଁରେ ରକ୍ତ ଜମାଟ ବାନ୍ଧି ଯାଇଥିଲା । ଘନ ଅନ୍ଧକାରରେ କିଛି ଦେଖା ଯାଉନାହିଁ । ଆନା ବାରଣ୍ଡାରେ ଗୋଟିଏ ଲଣ୍ଠନ ମିଞ୍ଜିମିଞ୍ଜି ହୋଇ ଜଳୁଛି । ବେଶୀ ଦୂର ନୁହେଁ । ତେବେ ପୋଲିସମାନେ ଶୋଇ ପଡ଼ିଥିଲେ । ମୁଣ୍ଡର ଗଦା

ଉପରେ ଆଖି ପଡ଼ିଲା । ସେ ଭାବିଲେ— ହାୟ, ସେମାନେ ଭାଗ୍ୟବାନ୍ ! ମାଟି ମାଆର ଇଜ୍ଜତ ରଖିବାକୁ ଯାଇ ଜୀବନ ଢାଳିଦେଲେ । ସେମାନେ ସେମାନଙ୍କ ପଣ ରକ୍ଷା କଲେ, ଆଗକୁ କାଢ଼ିଥିବା ଗୋଡ ପଛକୁ ଫେରାଇଲେ ନାହିଁ । କିନ୍ତୁ ମୁଁ ମୋ କଥା ରଖି ପାରିଲି ନାହିଁ । କେଉଁ ମୁହଁରେ ମୁଁ ଫେରିବି ? କେଉଁଠିକୁ ଫେରିବି ?

ସେ ବହୁ କଷ୍ଟରେ ଠିଆ ହେବାକୁ ଚେଷ୍ଟା କଲେ । କିନ୍ତୁ ଦେହ ସାରା ଖଣ୍ଡିଆ ଖାବରା ! ଦରଜ ହୋଇ ଗଲାଣି । ଭାରି କଷ୍ଟ ! ଘୋଷାରି ଘୋଷାରି ହୋଇ ଚାଲିବାରେ ଲାଗିଲେ । ଆଗରୁ ଔଷଧ ଗଛ ଚହ୍ନି ଥିବାରୁ ସେ କେତେକ ପତ୍ରର ରସ ଖଣ୍ଡିଆ ଜାଗାରେ ଲଗାଇ ଦେଲେ । ଧୀରେ ଧୀରେ ଜୟପୁର ଆଡ଼କୁ ଚାଲିଲେ ।

ସେଠାରୁ ଜୟପୁର ୩୫ ମାଇଲ ଦୂର । ଘୋର ଅନ୍ଧାର । ଡାରି ଭିତରେ ଧଡ଼ ଉଠି ଲକ୍ଷ୍ମଣ ରତ ପାହୁ ନପାହୁ ଜୟପୁରରେ ପହଞ୍ଚିଲେ । ଡାଙ୍କର ଜଣେ ସାଙ୍ଗ ବଳଭଦ୍ର ଘରେ କେତେଦିନ ରହିଲା ପରେ ଜନେ ଖବର ପାଇଲେ ଯେ

ପୋଲିସ ସେଠାରେ ଖୋଜା ଖୋଜି କରୁଛୁ । ତେଣୁ କୁଆଡ଼େ ଯିବାକୁ ହେବ । କନ୍ତୁ ଗାଁକୁ ମଧ୍ୟ ଯାଇ ହେବନି ।

ଦନେ ଗଡରୁ ଉଠି ଲକ୍ଷ୍ମଣ ଗମଗିର ପବ୍ବତକୁ ଗଲେ । ସେଠାରେ ଫଳମୂଳ ଖାଇ ଆଉ ଝରଣା ପାଣି ପିଇ ଚଳଗଲେ । କନ୍ତୁ ସ୍ୱାଧୀନତା ଲଢେଇ କଥା କ'ଣ ହେଲା ? ତା' ଗାଗଣ୍ଡା ହାଲ୍‌ଚାଲ୍ କ'ଣ ? ପୋଲିସର ଅତ୍ୟାଚାର କଥା ଶୁଣି ସେ ଅସ୍ଥି ଧର ରହି ପାରଲେ ନାହିଁ । ପୋଲିସ ହାତରେ ମଲେ ମରବେ ଛେଚ୍ଛେ ତାଙ୍କ ଗାଁକୁ ସେ ଅଲ୍‌ବତ ଫେରବେ ।

ଲକ୍ଷ୍ମଣ ନାୟକ ଦନେ ଆସି ଗାଁରେ ପହଞ୍ଚିଲେ । ସେତେବେଳକୁ ପୋଲିସ ଅତ୍ୟାଚାରରେ କେତେଜଣ ମରଥାନ୍ତି । କେତେକ ଜେଲ୍‌ରେ ପଶିଥାନ୍ତି । ସେ ଘର ଘର ବୁଲି ସମସ୍ତଙ୍କୁ ବୁଝାଇଲେ, ସାନ୍ତ୍ୱନା ଦେଇଲେ । ଗାଁରେ ପୁଣି ଅରାଜକର ଘର୍ ଘର୍ ଶବ୍ଦ ଶୁଣାଗଲା । ଦନେ ଲକ୍ଷ୍ମଣ ଘର ବାରଣ୍ଡାରେ ବସି ସୂତା କାଟୁଥିଲା ବେଳେ କଏ ଜଣେ ଆସି କହିଲା – ଲକ୍ଷ୍ମଣ ଭାଇ,

ପୋଲିସ ଆସି ଗାଁ ଚାରପଟେ ଘେରଉ କରି ଦେଲେଣି । ତୁମେ କୁଆଡେ ଚାଲିଯାଅ ।

ଲକ୍ଷ୍ମଣ କନ୍ତୁ ନିଜ ଜୀବନ ଉପରେ କୁଆଡେ ଚାଲି ଯିବାକୁ ଚାହିଁଲେ ନାହିଁ । ଏତେ ଲୋକ ତାଙ୍କର କଥାରେ ପଡ଼ି ମଲେ, ଜେଲ୍ ଗଲେ ଆଉ ସେ ନିଜେ ସେଥିପାଇଁ ଡରିବେ କାହିଁକି ? ଠିକ୍ ଏତିକି ବେଳକୁ ପୋଲିସ୍‌ମାନେ ତାଙ୍କ ପାଖରେ ପହଞ୍ଚି ଗଲେ । ତାଙ୍କୁ ହାତକଡା ପକାଇ ଥାନାକୁ ନିଆଗଲା । ତାଙ୍କ ଦୁଇ ଗାଁର ଆଉ ପଞ୍ଚାୟତଙ୍କୁ ମଧ୍ୟ ଜେଲ୍ ନିଆଗଲା ।

ଥାନାରୁ ସେମାନଙ୍କୁ କୋରାପୁଟ ଜେଲ୍‌କୁ ପଠାଗଲା । ସେଠାରେ ଅକଥନୀୟ ଅତ୍ୟାଚାର ଚାଲିଲା । ଶେଷରେ ୧୯୪୨ ଅକ୍ଟୋବର ମାସରେ ସେମାନଙ୍କର ବିଚାର ଆରମ୍ଭ ହେଲା । ମଣିଷ ମାରିବା ଅପରାଧରେ ତାଙ୍କୁ ଫାଶି ହୁକୁମ ଦିଆ ଗଲା । ଏହା କ'ଣ କମ୍ ଗୌରବର କଥା ! ଲକ୍ଷ୍ମଣଙ୍କ ମନରେ ଆନନ୍ଦର ଜୁଆର । ମାଟି ମାଆ ପାଇଁ ସେ ଶହୀଦ୍ ହେବେ, ହସି ହସି ଜୀବନ ଦେବେ ।

ତେବେ ଅବଶୋଷ ରହିଗଲା ତାଙ୍କର ମୃତ୍ୟୁ ପୂର୍ବରୁ ମାଟି ମାଆର ମୁକୁତ ମିଳ ପାଇଲା ନାହିଁ ।

ତାଙ୍କୁ ଫାଶି ଦଆଯିବା ପାଇଁ ବ୍ରହ୍ମପୁର ଜେଲ୍‌କୁ ନଆଗଲା । ବ୍ରହ୍ମପୁର ଜେଲରେ ସେତେବେଳେ ଦେଶର ସ୍ୱାଧୀନତା ପାଇଁ ଲଢେଇ କରୁଥିବା ବହୁ ଲୋକ ବନ୍ଦୀ ହୋଇଥାନ୍ତି । ଫାଶି ପାଇବା ଦିନ ପାଖେଇ ଗଲା । ବନ୍ଦୀମାନେ ଲକ୍ଷ୍ମଣଙ୍କୁ ପଚାରିଲେ – ତୁମର କ'ଣ କହିବାର ଅଛି ଆମକୁ କହିଯାଅ । ସେ ହସି ହସି ଉତ୍ତର ଦେଲେ – ମୋର ନିଜର କିଛି କହିବାର ନାହିଁ । ଦେଶ ମାଆ ପାଇଁ ଜେଲ୍ ଯିବା ଆଉ ଫାଶି ପାଇବା ସୌଭାଗ୍ୟର କଥା । ମୁଁ ତ ସ୍ୱାଧୀନତା ଦେଖି ପାରିଲି ନାହିଁ । ତୁମେମାନେ ଶୀଘ୍ର ସ୍ୱରାଜ୍ୟ ପାଅ, ଏତକ ମୋର ଆଶା ଆଉ ଶୁଭେଚ୍ଛା !

ମରିବା ଆଗରୁ ଲକ୍ଷ୍ମଣଙ୍କ ମୁହଁରୁ ଏଇ କଥା କେଇପଦ ଶୁଣି ମନରେ ସବୁର କେତେ ଦମ୍ଭ ଓ ଉତ୍ସାହ ଖେଳଗଲା । ସବୁର ଆଖିରେ ଲୁହ ଢଳ ଢଳ ହେଲା । ସତରେ ଏ ଲୋକଟାର ମନ କେତେ

ଝାଣ ! ମାତୃଭୂମି ପାଇଁ ତାର ମନ କେତେ କାନ୍ଦୁଛି ?
ଏକ ସ୍ୱରରେ ସମସ୍ତେ କହି ଉଠିଲେ— ଭାରତ ମାତାକୀ ଜୟ !!

୧୯୪୩ ମାର୍ଚ୍ଚ ୨୧ ତାରିଖ । ରାତି ଭଲ ଭାବରେ ପାଇ ନାହିଁ । କାଉ କାଆ କରିବା ଆଗରୁ ଜେଲ ସୁପରଣ୍ଟେଣ୍ଡେଣ୍ଟ ଆସି କହିଲେ— ଲକ୍ଷ୍ମଣ, ଚାଲ ତୁମର ସମୟ ହୋଇଗଲା ।

ଲକ୍ଷ୍ମଣ ସତେ ଯେମିତି ଏଇ ଡାକକୁ ଚାହିଁ ରହିଥିଲା । ମନରେ ତାଙ୍କର ଦୁଃଖର ଲେଶମାତ୍ର ଛନ୍ଦ ନାହିଁ । ମୁହଁରୁ ଯେମିତି ହସ ଉକୁଟି ଉଠୁଛି । କୋଠରୀରୁ ବାହାର ଆସିଲା ପରେ ତାଙ୍କ ମୁହଁରେ କଳାକନା ଘୋଡ଼ାଇ ଦିଆଗଲା । ଗୋଟିଏ ମଞ୍ଚ ଉପରେ ଠିଆ କରାଇ ତାଙ୍କ ଗଳାରେ ଫାଶ ବାନ୍ଧି ଝୁଲାଇ ଦିଆଗଲା । ଆଖି ପିଛୁଳାକେ ସବୁ ଶେଷ । ଲକ୍ଷ୍ମଣଙ୍କ ମର ଦେହଟା ପଡ଼ି ରହିଲା ।

ଲକ୍ଷ୍ମଣ ସିନା ତାଙ୍କ କାମ ସାରି ଚାଲିଗଲେ, କନ୍ତୁ ତାଙ୍କ କଥାରେ ଜାଣ ଯେମିତି ତାତିଥିଲା, ଦେଶର ମୁକତ ପାଇଁ ଯେମିତି ଚେତିଥିଲା,

ସେଥିରେ ଲଢେଇର ଇତି ହେଲା ନାହିଁ । ବରଂ ଲଢେଇ ଦିନକୁ ଦିନ ଆଗେଇ ଗଲଲା । ଗାନ୍ଧୀ ବୁଢାର କଥାରେ ଗଲା ସତ୍ୟ ଆଉ ଅହିଂସା ବଳରେ ଭାରତ ସ୍ୱାଧୀନତା ପାଇଲା । ସେଇ ଲଢ଼େଇରେ ଗୁଳଗୁଲା ଡୋପ କରୁକ ଲୋଡ଼ା ହେଲା ନାହିଁ । ଲୋଡା ହୋଇଥିଲା— ଦେଶ-ବାସୀଙ୍କର ଏକତା ଆଉ ଦମ୍ଭ, ସେମାନଙ୍କ ମନର ବଳ ! ମାଟି ମାଆର ଡାକ ଶୁଣି ଯେଉଁମାନେ ଚେଇଁ ଉଠିଥିଲେ, ଜୀବନକୁ ବଳି ଦେଇଥିଲେ, ସେମାନେ ହେଲେ ଏ ଜାତିର ଆଗୁଆ ସଇନ ଆଉ ଅମର ଶହୀଦ୍ ।